ଧରିତ୍ରୀ DHARITRI
November 5-11, 2023 ₹ 2/-

ମଧ୍ୟାହ୍ନ

# ଇଚ୍ଛା ଥିଲେ ଅସମ୍ଭବ ବି ସମ୍ଭବ



୩
ପ୍ରଚ୍ଛଦ ପ୍ରସଙ୍ଗ

ଜନ୍ମରୁ ଏମାନେ ଦିବ୍ୟାଙ୍ଗ ନ ଥିଲେ। ଭାଗ୍ୟର ବିଡ଼ମ୍ବନା ଏମାନଙ୍କୁ ହଠାତ୍ ଦିବ୍ୟାଙ୍ଗ ସଜେଇଦେଲା। ତଥାପି ଏମାନେ ନିଜର ସ୍ୱପ୍ନକୁ ପୂରାକରିବାକୁ ମନ ଦୃଢ଼କଲେ। କଠିନ ଅଧ୍ୟାବସାୟ ଓ କିଛି କରି ଦେଖାଇବାର ଜିଦ୍ ଶେଷରେ ଏମାନଙ୍କୁ ସଫଳତା ଆଣିଦେଲା। ଆଉ ଅସମ୍ଭବ ଲାଗୁଥିବା କାର୍ଯ୍ୟକୁ ଏମାନେ ସମ୍ଭବ କରି ଦେଖାଇଲେ...



# ଘରେ ପକ୍ଷୀଙ୍କ ଫଟୋ ଲଗାଉଥିଲେ

**ପକ୍ଷୀମାନେ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାନ୍ତି ସେଥିପାଇଁ ଅନେକେ ଘରର ଶୋଭା ବଢ଼ାଇବାକୁ କାନ୍ଥରେ ବିଭିନ୍ନ ପକ୍ଷୀଙ୍କର ଫଟୋ ତଥା ଛବି ଆଦି ଲଗାଇଥାନ୍ତି ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କେତେକ ପକ୍ଷୀ ଅଛନ୍ତି; ଯାହାଙ୍କ ଫଟୋ ହେଉ ଅବା ଛବିକୁ ଘରେ ଲଗାଇଲେ ଘରର ଶୋଭା ବଢ଼ିବା ସହ ସୁଖ, ସମୃଦ୍ଧି ବି ବୃଦ୍ଧି ପାଇଥାଏ। ଯେମିତି କି:**



* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଲଭ୍ ବାର୍ଡ୍ସ, ମୟୂର, ନୀଳକଣ୍ଠ ପକ୍ଷୀ, ହଂସ ଆଦି ପକ୍ଷୀଙ୍କ ଫଟୋ ଅଥବା ଛବି ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। କୁହାଯାଏ, ଏହି ପକ୍ଷୀମାନଙ୍କର ଫଟୋ ହେଉ ଅବା ଛବିକୁ ଘରେ ଲଗାଇଲେ ସବୁକାର୍ଯ୍ୟରେ ସଫଳତା ମିଳିଥାଏ।

* ବିଶେଷକରି ଲଭ୍ ବାର୍ଡ୍ସଙ୍କର ଫଟୋକୁ ଶୁକ୍ରବାର ଦିନ ଘରର ଉତ୍ତର ଦିଗ କାନ୍ଥରେ ଲଗାଇଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।

* ସେହିପରି ଶୁଆଙ୍କୁ ବାସ୍ତୁଶାସ୍ତ୍ରରେ ଭାଗ୍ୟଶାଳୀ ପକ୍ଷୀ ବୋଲି କୁହାଯାଇଥାଏ। ଏମାନଙ୍କ ଫଟୋକୁ ଘରେ ଲଗାଇଲେ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାର ସଦସ୍ୟଙ୍କ ଭିତରେ ଭଲପାଇବା ବଢ଼ିଥାଏ। ସେମାନଙ୍କ ସ୍ୱାସ୍ଥ୍ୟରେ ବି ଉନ୍ନତି ପରିଲକ୍ଷିତ ହୋଇଥାଏ।

* ତେବେ ବାସ୍ତୁଶାସ୍ତ୍ରରେ, ଏହି ପକ୍ଷୀମାନଙ୍କର ଫଟୋକୁ ଘରର ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ ଅଥବା ପୂର୍ବ ଦିଗର କାନ୍ଥରେ ଲଗାଇବା ଶୁଭ ବୋଲି କୁହାଯାଇଛି।

* ଅନ୍ୟପକ୍ଷେ କେତେକ ବାସ୍ତୁବିତ୍‌ମାନେ ମତ ଦିଅନ୍ତି ଯେ, ଘରେ ଫିନିକ୍ସ ନାମକ ଏକ ପୌରାଣିକ ପକ୍ଷୀର ଫଟୋ ହେଉ ଅବା ଛବି ଲଗାଇବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୫-୧୧

**ମେଷ:** କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମନ ପ୍ରଫୁଲ୍ଲ ରହିବ, ଆଶୀର୍ବାଦ ପ୍ରାପ୍ତି, ହଇରାଣରେ ପଡ଼ିପାରନ୍ତି, ବୁଝାମଣା ନେଇ ତିକ୍ତତା, ବନ୍ଧୁଙ୍କ ସାନ୍ତ୍ୱନା ମିଳିବ, ଦୁଃସାହସିକ ପଦକ୍ଷେପ ନେବେ, ସମସ୍ୟା ସୁଧୁରିଯିବ, ଯାତ୍ରାରେ ସଫଳତା, ସାହିତ୍ୟରେ କୃତିତ୍ୱ, ନୂତନ ସମ୍ପର୍କ ସୃଷ୍ଟି।

**ବୃଷ:** ଶାରୀରିକ ସୁସ୍ଥତା, ନୂତନ କର୍ମସଂସ୍ଥାନ, ଗୃହଜମି ଲାଭ, ସହଯୋଗ ପାଇବେନି, ବ୍ୟବସାୟରେ ଉନ୍ନତି, ନୂତନ କାର୍ଯ୍ୟାରମ୍ଭ, ମାନସିକ ଚାପ, ନୀଚ ସଂସର୍ଗରୁ ନିନ୍ଦା, ରଚନାତ୍ମକ କାମରୁ ପ୍ରଶଂସା, ଧର୍ମକାର୍ଯ୍ୟରେ ଅଭିରୁଚି।

**ମିଥୁନ:** ଯାତ୍ରାରେ ସଫଳତା, ସମସ୍ୟା ସମାଧାନ, ସ୍ଥଗିତ କାର୍ଯ୍ୟାରମ୍ଭ, ବନ୍ଧୁ ସହାୟତା, ଆଶଙ୍କାରୁ ଅସ୍ଥିରତା, କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ଅନ୍ୟମନସ୍କତାରୁ ଦ୍ୱନ୍ଦ୍ୱ, ଗୁପ୍ତଶତ୍ରୁଙ୍କ ଚକ୍ରାନ୍ତ, ଯାତ୍ରା ସ୍ଥଗିତ ରହିବ।

**କର୍କଟ:** ସ୍ନାୟବିକ ଦୁର୍ବଳତା, ଭାରାକ୍ରାନ୍ତ ମନ, ଧନହାନିରୁ କ୍ଷୋଭ, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, ବିବାଦୀୟ ଘଟଣାର ସମୀକ୍ଷା, ଦୂରସ୍ଥାନକୁ ଯାତ୍ରା, ପାରିବାରିକ ଶାନ୍ତି, ସମ୍ପର୍କରେ ଉନ୍ନତି, ବ୍ୟବସାୟିକ କୁଶଳତା।

**ସିଂହ:** ଦୈହିକ ଦୁର୍ବଳତା, ବନ୍ଧୁବତ୍ସଳତା, ଅର୍ଥନୈତିକ ଅଭିବୃଦ୍ଧି, ପାରିବାରିକ ଶାନ୍ତି, ବନ୍ଧୁ ସମ୍ପର୍କ ହ୍ରାସ, କ୍ରୀଡ଼ାକଳାରୁ ସମ୍ମାନ ସୁଯୋଗ ପାଇବେ, ସୌଖୀନ ଦ୍ରବ୍ୟ କ୍ରୟ, ଅଶୌଚ ଖବରପ୍ରାପ୍ତି, ଅନ୍ୟାୟ ବିରୋଧରେ ସ୍ୱର, ପିତୃବର୍ଗରେ ପୀଡ଼ା।

**କନ୍ୟା:** କାର୍ଯ୍ୟଦକ୍ଷତା ବୃଦ୍ଧି, ବୈଷୟିକ ଅଭିବୃଦ୍ଧି, ପରିବାରର ସହଯୋଗ, ଦୂରଯାତ୍ରା, ମିତ୍ରବନ୍ଧୁଙ୍କ ପ୍ରଶଂସା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥାନାନ୍ତରର ସୂଚନା, ଆବଦ୍ଧରୁ ମୁକ୍ତହେବେ, ଆତ୍ମସନ୍ତୋଷ ମିଳିବ, ଶିକ୍ଷା ପରୀକ୍ଷାରେ କୃତିତ୍ୱ।

**ତୁଳା:** ଶାରୀରିକ ସୁସ୍ଥତା, ବନ୍ଧୁ ସମ୍ପର୍କରେ ଉନ୍ନତି, କାର୍ଯ୍ୟରେ ଅସନ୍ତୁଷ୍ଟ, ଭ୍ରାତୃ ବିବାଦରୁ ଅଶାନ୍ତି, ଭ୍ରମଣ ସୁଯୋଗ ଜୁଟିବ, ତିକ୍ତତାର ପରିସମାପ୍ତି, ଅତିଥିଚର୍ଚ୍ଚାରୁ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, ଅପନିନ୍ଦା ଶୁଣିବେ, କର୍ମକ୍ଷେତ୍ରରେ ପ୍ରତିଷ୍ଠା।

**ବିଛା:** କାର୍ଯ୍ୟରେ ବିଶୃଙ୍ଖଳା, ମନସ୍ତାପ କରିବେ, ବନ୍ଧୁ ଭରସା ତୁଟିଯିବ, ବିବାଦୀୟ ଖବର, ନେତୃତ୍ୱରୁ ପ୍ରଶଂସା, ବନ୍ଧୁ ପ୍ରସ୍ତାବ ଆସିବ, ବାଣିଜ୍ୟରେ ଉନ୍ନତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ମାଙ୍ଗଳିକ କାମର ପ୍ରସ୍ତୁତି।

**ଧନୁ:** ନୂତନ ପ୍ରକଳ୍ପାରମ୍ଭ, ଆର୍ଥିକ ଦୁରବସ୍ଥା, ସହକର୍ମୀଙ୍କ ସମାଲୋଚନା, ଯାନବାହନ କ୍ରୟ, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଲେଖାପଢ଼ାରେ ଅଗ୍ରଗତି, ବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ସମସ୍ୟା।

**ମକର:** ପାରିବାରିକ ସମସ୍ୟା, ମିଥ୍ୟା ଅଭିଯୋଗ, ଦୁର୍ବଳ ମାନସିକତା, କାମରେ ନିରୁତ୍ସାହତା, ମକଦ୍ଦମାରୁ ଦୁଶ୍ଚିନ୍ତା, ଅର୍ଥର ଆବଶ୍ୟକତା, ଆଇନ ସହାୟତା ପାଇବେ, ଅନ୍ୟମନସ୍କ ରହିପାରନ୍ତି, ବିଦେଶ ଯାତ୍ରା, ମାଙ୍ଗଳିକ କର୍ମର ପ୍ରସ୍ତୁତି।

**କୁମ୍ଭ:** ମାନସିକ ଦୁର୍ବଳତା, ସହକର୍ମୀଙ୍କ ସହଯୋଗ, ପରିବାରରେ ଭୁଲ୍ ବୁଝାମଣା, ସମସ୍ୟା ବଢ଼ିପାରେ, ବନ୍ଧୁଙ୍କୁ ସାହାଯ୍ୟ ଦେବେ, ପରିସ୍ଥିତିର ମୁକାବିଲା, ଠକାମିରେ ପଡ଼ିପାରନ୍ତି, ସଭାସମିତିକୁ ନିମନ୍ତ୍ରଣ, ନୂତନ କାର୍ଯ୍ୟାରମ୍ଭ।

**ମୀନ:** ଚେଷ୍ଟାରେ ସଫଳତା, ବାଣିଜ୍ୟରେ ଉନ୍ନତି, କର୍ମକ୍ଷେତ୍ରରେ ଗୌରବ, ନୂତନ ମୈତ୍ରୀ ବିବାଦଗ୍ରସ୍ତ ହେବେ, ସଙ୍ଗଦୋଷର ସମାଲୋଚନା, ଯାନ୍ତ୍ରିକ ମରାମତି, କରଜଦାତାଙ୍କ ଚାପ, ଧର୍ମକାର୍ଯ୍ୟ କରିବେ, ଶୁଭଖବର ପାଇବେ।

# ରୋଷେଇ ଘରର ଔଷଧ



ରୋଷେଇ ଘରେ ନିତ୍ୟ ବ୍ୟବହୃତ ହେଉଥିବା ଏଭଳି କେତେକ ଖାଦ୍ୟଦ୍ରବ୍ୟ ରହିଛି, ଯାହା ଶରୀରକୁ ସୁସ୍ଥ ରଖିବାରେ ବିଶେଷ ସହାୟକ ହୋଇଥାଏ। ଯେମିତି କି: **ଅଦା-ରସୁଣ:** ଅଦା ସ୍ମରଣଶକ୍ତି ଓ ଭୋକ ବୃଦ୍ଧି କରାଇବା ସହ ଗ୍ୟାସ୍, ଆର୍ଥ୍ରାଇଟିସ୍, ସ୍ପଣ୍ଡିଲାଇଟ୍ସ, ଥଣ୍ଡା କାଶ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ସେହିପରି ରସୁଣ କୋଲେଷ୍ଟରଲ୍, ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖିବା ସହିତ ଥଣ୍ଡାଜନିତ ରୋଗରୁ ଆମକୁ ରକ୍ଷା କରିଥାଏ। **ମହୁ:** ମହୁ ଓ ଅଦା ରସ ଖାଇଲେ ଥଣ୍ଡାକାଶରୁ ମୁକ୍ତି ମିଳେ। ଏହା ହିମୋଗ୍ଲୋବିନ୍‌କୁ ବି ବଢ଼ାଏ। ଖଣ୍ଡିଆ କିମ୍ବା ପୋଡାଜଳା ସ୍ଥାନରେ ମହୁ ଲଗାଇଲେ ବେଶ୍ ଆରାମ ମିଳେ। **ଗୁଡ:** ଥଣ୍ଡା ସମସ୍ୟା ସହିତ ଗଳା ଓ ପେଟ ସମ୍ବନ୍ଧୀୟ ନାନାଦି ରୋଗରୁ ଏହା ଉପଶମ ଦେଇଥାଏ। ଥକ୍କାପଣରୁ ବି ମୁକ୍ତି ଦିଏ। **ଲେମ୍ବୁ:** ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପିଇଲେ ଶରୀରକୁ ଫ୍ରେଶ୍ ଅନୁଭବ ହୁଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା, କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ଏହା ସାହାଯ୍ୟ କରେ। **ଅଁଳା:** ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ସରେ ଭରା ଅଁଳା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବ୍ରଣ ସମସ୍ୟାରୁ ମୁକ୍ତି, କ୍ୟାନ୍‌ସର ସହ ଲଢିବା ତଥା କେଶରେ ପ୍ରାକୃତିକ ଚମକ୍ ଆଣିଥାଏ। **ଡାଲଚିନି:** କୋଲେଷ୍ଟରଲ୍ ଓ ବ୍ଲଡ୍ ସୁଗାର୍‌କୁ ନିୟନ୍ତ୍ରଣରେ ରଖିବା ସହ ଓଜନ କମାଇଥାଏ। ମହୁ ସହିତ ଡାଲଚିନି ଗୁଣ୍ଡ ଖାଇଲେ ଆର୍ଥ୍ରାଇଟିସ୍ ରୋଗୀଙ୍କୁ ଅନେକ ଆରାମ ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

* ନାରୀ ସୁକୁମାରୀ, କୋମଳା, ଦୁର୍ବଳା ନୁହେଁ; ସେ ସାହସ ଓ ଶକ୍ତିର ପ୍ରତୀକ, ଯାହାକୁ ପ୍ରମାଣିତ କରି ଦେଖେଇଛନ୍ତି ଏଇ ଦୃଢ଼ମନା ନାରୀମାନେ। ତେଣୁ ସେମିତି କେତେଜଣ ସାହସୀ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନାରୀ ଶକ୍ତି' ଏକ ନିଆରା ଆଲେଖ୍ୟ ଥିଲା। 'ଘରେ କେଉଁଠି ରଖିବେ ମା' ଦୁର୍ଗାଙ୍କ ମୂର୍ତ୍ତି', 'ଶାନ୍ତି ପାଇବାକୁ ହେଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସସ୍ମିତା ଦାଶ, ଜିଜିପି କଲୋନୀ, ଭୁବନେଶ୍ୱର*

* ନାରୀର ଶକ୍ତି, ସାମର୍ଥ୍ୟର କୌଣସି ସୀମା ନାହିଁ। ସେ ଘର ସମ୍ଭାଳିପାରେ, ଦେଶ ବି। କୌଣସି କାମ ତା' ପାଇଁ ଅସମ୍ଭବ ନୁହେଁ। ଆଉ ଏହାକୁ ସେ ପ୍ରମାଣିତ କରିଆସିଛି ସବୁ ସମୟରେ। ତେଣୁ 'ନାରୀ ଶକ୍ତି' ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ମା' ଆସୁଛନ୍ତି' ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା କବିତା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା।

*– ଗୌରୀପ୍ରଭା ସାହୁ, ହରଚଣ୍ଡୀ ସାହି, ପୁରୀ*

* ଦୁର୍ଗା ମା'ଙ୍କ ଉପରେ ଆଧାରିତ 'ଦେବୀ', 'ଦେବୀ ମା', 'ଦେବୀଙ୍କ ସହ ସକାଳ' ଶୀର୍ଷକ ଗପଗୁଡ଼ିକ ଖୁବ୍ ହୃଦୟସ୍ପର୍ଶୀ ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ଜୁଏଲେରିରେ ମା' ଦୁର୍ଗାଙ୍କର କିପରି ସୁନ୍ଦର ସୁନ୍ଦର ମୁହଁକୁ ସ୍ଥାନ ଦିଆଯାଇପାରୁଛି ତାହା ଜାଣିହେଲା। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'କେବଳ ଅନୁତାପ', 'ସ୍କୁଲ ଯାଉଛନ୍ତି ଅନନ୍ୟା', 'ଲିଫ୍‌ଲେଟ୍ ବାଣ୍ଟୁଥିଲେ ବରୁଣ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା।

*– ପୁଷ୍ପେନ୍ଦୁ ସ୍ୱାଇଁ, ଆଳି, କେନ୍ଦ୍ରାପଡ଼ା*

* ଲେଖିକା ତଥା ଆସିଷ୍ଟାଣ୍ଟ ପ୍ରଫେସର୍ ଡ.ମାଙ୍ଗଳିକା ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ହୋଇଥିଲା। ମଡେଲ୍ ମିରର୍‌ରେ କୁକିଜ୍ ବେଶ୍ ସୁନ୍ଦରୀ ଲାଗୁଥିଲେ। ବିବିଧା ପୃଷ୍ଠାରୁ 'ସ୍ୱସ୍ତିକର କଥା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ଅଷ୍ଟ୍ରିଚ ତକିଆ' ଶୀର୍ଷକ ଲେଖାଟି ବି ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

*– ସ୍ୱପ୍ନାବତୀ ମହାପାତ୍ର, ରାୟଗଡ଼ା*

* ଏଥରର ବ୍ୟଙ୍ଗ 'ଯାହା ବି କରୁଛ କର'ଟି ବେଶ୍ ଶିକ୍ଷଣୀୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଡାକ୍ତର ପରିବାର', 'ମା' ଦୁର୍ଗାଙ୍କ ବଡ଼ ପ୍ରତିମୂର୍ତ୍ତି', 'ଦର୍ପଣ ଶୁଣାଇବ ଗୀତ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଜାଦାର୍ ହେବା ସହିତ ତଥ୍ୟପୂର୍ଣ୍ଣ ବି ହୋଇଥିଲା।

*– ସଞ୍ଜୁକ୍ତା ପାଣିଗ୍ରାହୀ, ବାଲେଶ୍ୱର*

## ବିଶେଷ ଚିଠି



'ନାରୀ ଶକ୍ତି' ଶୀର୍ଷକ ଆଲେଖ୍ୟକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ହୋଇଥିଲା ଭାରି ବଢ଼ିଆ
ମନେ ଭରିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ପୁଣି ସୃଜନ, ସିନେମା ଓ
ରୋଜଗାରର କଥା,
ବ୍ୟାକ୍‌ପେଜ୍‌ର ଅପୂର୍ବ ଲେଖାମାନ
ପଢ଼ି ଘୂରାଇ ଦେଲା ମୋର ମଥା।
ସେଥିପାଇଁ ହେ ଛୁଟିଦିନ
ତୁମକୁ ଝୁରେ ମୁଁ ପ୍ରତିଦିନ।

*– ପ୍ରୀତିରାଣୀ ମହାନ୍ତି,*
*ଚକ୍ରତୀର୍ଥ ରୋଡ୍, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଇଚ୍ଛା ଥିଲେ ଅସମ୍ଭବ ବି ସମ୍ଭବ



ଅରୁଣିମା ସିହ୍ନା

ଜନ୍ମରୁ ଏମାନେ ଦିବ୍ୟାଙ୍ଗ ନ ଥିଲେ। ଭାଗ୍ୟର ବିଡ଼ମ୍ବନା ଏମାନଙ୍କୁ ହଠାତ୍ ଦିବ୍ୟାଙ୍ଗ ସଜେଇଦେଲା। ଦୁଃଖର କଳାବାଦଲ ଭିତରେ ଘେରି ହୋଇରହିଥିଲେ ବି ଏମାନେ ନିଜର ସ୍ୱପ୍ନକୁ ପୂରାକରିବାକୁ ପୁଣିଥରେ ମନକୁ ଦୃଢ଼କଲେ। କଠିନ ଅଧ୍ୟାବସାୟ ଓ କିଛି କରି ଦେଖାଇବାର ଜିଦ୍ ଶେଷରେ ଏମାନଙ୍କୁ ସଫଳତା ଆଣିଦେଲା। ଅସମ୍ଭବ ଲାଗୁଥିବା କାର୍ଯ୍ୟକୁ ଏମାନେ ସମ୍ଭବ କରି ପ୍ରମାଣିତ କରିଦେଲେ ଯେ, ଦିବ୍ୟାଙ୍ଗ ହେଲେ ବି ସମର୍ଥ...

**ଦିବ୍ୟାଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହୀ ଅରୁଣିମା ସିହ୍ନା:** ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ଆମ୍ବେଡକର ନଗରରେ ଜନ୍ମିତ ଅରୁଣିମା ସିହ୍ନାଙ୍କର ବାପା ଭାରତୀୟ ସୈନ୍ୟବାହିନୀରେ କାମ କରୁଥିଲେ ଆଉ ମା' ସ୍ୱାସ୍ଥ୍ୟ ବିଭାଗରେ ସୁପର ଭାଇଜର ଭାବେ କାର୍ଯ୍ୟରତ ଥିଲେ। ଅରୁଣିମାଙ୍କ ଜଣେ ବଡ଼ ଭଉଣୀ ଓ ସାନ ଭାଇ ବି ଥିଲେ। ବାପାଙ୍କର ହଠାତ୍ ଅକାଳ ବିୟୋଗ ଯୋଗୁ ପରିବାରର ସବୁ ଦାୟିତ୍ୱ ତାଙ୍କ ମା'ଙ୍କୁ ବୁଝିବାକୁ ପଡିଲା। ପିଲାଟିଦିନରୁ ଅରୁଣିମାଙ୍କର ଫୁଟବଲ୍ ପ୍ରତି ବେଶ୍ ଆଗ୍ରହ ରହିଥିଲା। ସେ ଜଣେ ନ୍ୟାଶନାଲ୍ ଭଲିବଲ୍ ପ୍ଲେୟାର୍ ବି ଥିଲେ। ପାରାମିଲିଟାରି ଫୋର୍ସରେ ଜଏନ୍ କରିବାକୁ ତାଙ୍କର ଇଚ୍ଛା ଥିଲା। ସେଥିପାଇଁ ସିଏ ଫର୍ମ ମଧ୍ୟ ପକାଇଥିଲେ। ସିଆଇଏସ୍ଏଫ୍ ତରଫରୁ ତାଙ୍କୁ ଏକ କଲ୍ ଲେଟର୍ ଆସିଲା ପରୀକ୍ଷା ଦେବା ପାଇଁ। ୨୦୧୧ ଏପ୍ରିଲ୍ ୧୨ରେ ଅରୁଣିମା ଲକ୍ଷ୍ନୌରୁ ଦିଲ୍ଲୀ ଟ୍ରେନ୍ ଯୋଗେ ଯାଉଥିଲେ ପରୀକ୍ଷା ଦେବା ପାଇଁ। କିନ୍ତୁ କିଛିବାଟ ଯିବା ପରେ କେତେଜଣ ଦୁର୍ବୃତ ଚୋରି କରିବା ଲକ୍ଷ୍ୟ ନେଇ ଅରୁଣିମାଙ୍କ ବ୍ୟାଗ୍ ଛଡ଼ାଇବା ବେଳେ ଧସ୍ତାଧସ୍ତିରେ ସେମାନେ ଅରୁଣିମାଙ୍କୁ ଚଳନ୍ତା ଟ୍ରେନ୍‌ରୁ ଠେଲିଦେଲେ। ଏହି ସମୟରେ ଅନ୍ୟ ଟ୍ରାକ୍‌ରେ ଆଉ ଏକ ଟ୍ରେନ୍ ଆସୁଥିଲା। ଅରୁଣିମାଙ୍କର ଗୋଟେ ଗୋଡ଼ ଉକ୍ତ ଟ୍ରାକ୍ ଉପରେ ରହିଥିବାରୁ ତାହା ଆଣ୍ଠୁ ପାଖରୁ ତଳକୁ କଟିଗଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଡାକ୍ତରଖାନାକୁ ନିଆଯାଇ ତାଙ୍କର ଚିକିତ୍ସା ହେଲା। ଏହି ଘଟଣାରେ ଦୁଃଖ ପ୍ରକାଶ କରି ସେ ସମୟରେ ଇଣ୍ଡିଆନ୍ ସ୍ପୋର୍ଟ୍ସ ମିନିଷ୍ଟ୍ରି ତରଫରୁ ତାଙ୍କୁ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ତା'ସହିତ ସିଆଇଏସ୍ଏଫ୍ ତଥା ଇଣ୍ଡିଆନ ରେଲୱେରେ ତାଙ୍କୁ ଚାକିରି ଦେବା ପାଇଁ ମଧ୍ୟ ସେତେବେଳେ ଦାବି ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍‌କୁ ପଠାଯାଇଥିଲା। ଯେଉଁଠାରେ ୪ ମାସ ଚିକିତ୍ସିତ ହୋଇଥିଲେ ଅରୁଣିମା। ସେଠାରେ ଦିଲ୍ଲୀର ଏକ ବେସରକାରୀ ଭାରତୀୟ କମ୍ପାନି ଅରୁଣିମାଙ୍କୁ ମାଗଣାରେ ପ୍ରୋସ୍ଥେଟିକ୍ ଲେଗ୍ (ନକଲି ଗୋଡ଼) ପ୍ରଦାନ କରିଥିଲା ; ଯାହା ଅରୁଣିମାଙ୍କ ଜୀବନକୁ ଏକ ନୂଆ ମୋଡ ଦେଇଥିଲା। ଗୋଡ଼ ହରାଇବା ପରେ ଅରୁଣିମା ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କେତେଜଣ ଦିବ୍ୟାଙ୍ଗଙ୍କ ଜୀବନୀ ସବୁ ପଢିବାକୁ ଲାଗିଲେ। ସେଥିରୁ ସେ ପ୍ରେରଣା ପାଇଲେ ମାଉଣ୍ଟ ଏଭରେଷ୍ଟ ଚଢିବା ପାଇଁ । ସେଥିପାଇଁ ଦିନେ ସେ ବଚେନ୍ଦ୍ରି ପାଲ୍‌ଙ୍କୁ ଦେଖାକଲେ ; ଯିଏକି ଥିଲେ ମାଉଣ୍ଟ ଏଭରେଷ୍ଟ ଚଢିବାରେ ସଫଳ ହୋଇଥିବା ପ୍ରଥମ ଭାରତୀୟ ମହିଳା। ତାଙ୍କୁ ଦେଖାକରି ନିଜର ଦୁଃଖଦ ଘଟଣା ସବୁ କହିବା ପରେ ସେ ତାଙ୍କୁ ଅନେକ ସାହସ ଦେଇଥିଲେ ଲକ୍ଷ୍ୟ ପଥରେ ଆଗେଇ ଯାଇ ନିଜକୁ ବିଶ୍ୱବାସୀଙ୍କ ଆଗରେ ପ୍ରମାଣିତ କରିବାକୁ ଯେ, ସିଏ ବି କୌଣସି ଗୁଣରେ କମ୍ ନୁହନ୍ତି। ବାସ୍ ତା'ପରଠୁ ଅରୁଣିମା ବିଧିବଦ୍ଧ ଭାବେ ମାଉଣ୍ଟେନେରିଂ କୋର୍ସ ଶିଖିବା ଆରମ୍ଭ କରିଦେଲେ। ୨୦୧୨ରେ ପ୍ରଥମେ ଆଇଲାଣ୍ଡ ପିକ୍ ଚଢିଲେ। ସେଥିରେ ସଫଳତା ପାଇବା ପରେ ସାହସ ଆସିଯିବାରୁ ମାଉଣ୍ଟ ଏଭରେଷ୍ଟ ଚଢିବାର ଯାତ୍ରା ସିଏ କ୍ରମେ ଆରମ୍ଭ କରିଦେଲେ। ଶେଷରେ ୨୦୧୩ ମେ ୨୧ରେ ସେ ଏହି କାର୍ଯ୍ୟରେ ସଫଳତା ପାଇ ଏକ ନୂଆ ରେକର୍ଡ ସୃଷ୍ଟି କଲେ। ପ୍ରଥମ ଦିବ୍ୟାଙ୍ଗ ମହିଳା ମାଉଣ୍ଟ ଏଭରେଷ୍ଟ ଚଢାଳି ଭାବେ ସବୁଦିନ ପାଇଁ ତାଙ୍କ ନାଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଗଲା। ଯେଉଁଥିପାଇଁ ତାଙ୍କର ଖୁବ୍ ଲୋକପ୍ରିୟତା ବଢିଗଲା। ୨୦୧୫ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ କରାଗଲା, ଯାହା ଥିଲା ତାଙ୍କ ପାଇଁ ଗୌରବର ବିଷୟ। ଅରୁଣିମା ସମସ୍ତଙ୍କ ପାଇଁ ଜଣେ ସତରେ ଉଦାହରଣ।


ଆନନ୍ଦ ଅର୍ନୋଲ୍ଡ

**ହ୍ୱିଲ୍ ଚେୟାର ବଡିବିଲ୍ଡର ଆନନ୍ଦ ଅର୍ନୋଲ୍ଡ:** ପଞ୍ଜାବ ଲୁଧିଆନାର ଆନନ୍ଦ ଅର୍ନୋଲ୍ଡଙ୍କର ପିଲାଟିଦିନରୁ ବଡି ବିଲ୍ଡିଂ ପ୍ରତି ସଉକ ରହିଥିଲା। କାରଣ ତାଙ୍କ ବଡ଼ ଭାଇ ବି ଥିଲେ ଜଣେ ବଡି ବିଲ୍ଡର ; ଯିଏକି ୯୦ ଦଶକରେ ମିଷ୍ଟର ପଞ୍ଜାବ ଟାଇଟଲ୍ ଜିତିଥିଲେ। ତା'ସହିତ ଆନନ୍ଦଙ୍କ ପୂରା ପରିବାର ଲୋକେ ବି ଖେଳକୁଦକୁ ଖୁବ୍ ପସନ୍ଦ କରୁଥିଲେ। ସେଥିପାଇଁ ଆନନ୍ଦ ଖୁବ୍ ଛୋଟବେଳୁ ଘରେ ପୁସ୍ଅପ୍ ଓ ଡମ୍ବଲ୍ସ ଅଭ୍ୟାସ ଆରମ୍ଭ କରି ଦେଇଥିଲେ। ତାଙ୍କୁ ଯେତେବେଳେ ୧୩ ବର୍ଷ ହୋଇଥିଲା ସେ ଜିମ୍ ଯିବାକୁ ବାପାଙ୍କ ପାଖେ ଅଳି କରିଥିଲେ। ଏତେ କମ୍ ବୟସରୁ ଜିମ୍ ନ ଯିବା ପାଇଁ ବାପା ମନା କରିବାରୁ ସେ ବଡ଼ ଭାଇଙ୍କୁ ବାପାଙ୍କୁ ରାଜି କରାଇବାକୁ ଅନୁରୋଧ କଲେ। ବଡ଼ ଭାଇଙ୍କ ଅନୁରୋଧ କ୍ରମେ ବାପା ଶେଷରେ ରାଜି ହୋଇ ଆନନ୍ଦଙ୍କ ନାମ ଜିମ୍‌ରେ ଲେଖାଇଦେଲେ। ବାସ୍ ତା'ପରଠୁ ଜିମ୍‌ରେ କଠିନ ପରିଶ୍ରମ କରି ଆନନ୍ଦ ନିଜର ଫିଟ୍‌ନେସ୍‌କୁ ବଢ଼ାଇବା ସହ ଅଳ୍ପ କିଛିଦିନର ବ୍ୟବଧାନ ଭିତରେ ବଡି ବିଲ୍ଡିଂରେ ମିଷ୍ଟର ଗୋଲ୍ଡେନ୍ ଲୁଧିଆନା ଟାଇଟଲ୍ ଜିତି ସମସ୍ତଙ୍କର ପ୍ରିୟପାତ୍ର ବନିଗଲେ। ହେଲେ ୧୪ ବର୍ଷ ବେଳକୁ ତାଙ୍କ ଶରୀରର ଲୋୟର୍ ବ୍ୟାକ୍‌ରେ ଟିକେ ଟିକେ ଯନ୍ତ୍ରଣା ହେବା ଆରମ୍ଭ ହେଲା। କିନ୍ତୁ ସେଥିପ୍ରତି ଏତେ ନଜର ଦେଉ ନ ଥିଲେ ଆନନ୍ଦ। ୧୫ ବର୍ଷ ବେଳକୁ ହଠାତ୍ ଦିନେ ରାତିରେ ଆନନ୍ଦଙ୍କ ଲୋୟର୍ ବ୍ୟାକ୍‌ରେ ଅସହ୍ୟ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଗଲା। ସେଠାରେ ଏମ୍ଆର୍ଆଇ କରାଯିବାରୁ ଜଣାଗଲା ଯେ, ଆନନ୍ଦଙ୍କୁ ସ୍ପାଇନାଲ୍ କ୍ୟାନସର୍ ହୋଇଛି ; ସେ ପୁଣି ଲାଷ୍ଟ ଷ୍ଟେଜ୍। ଅପରେଶନ୍ କରିବା ନିହାତି ଜରୁରୀ। କିନ୍ତୁ ଭଲ ହେବାର ସମ୍ଭାବନା ବହୁତ କମ୍। ଅପରେଶନ୍‌ରେ ଜୀବନ ଯାଇପାରେ ନଚେତ୍ ବଡି ପାରାଲାଇଜ୍ଡ ହୋଇପାରେ। ଶେଷରେ ଆନନ୍ଦଙ୍କର ଅପରେଶନ୍ ହେଲା, ଜୀବନ ସିନା ରହିଗଲା ହେଲେ ମୁହଁକୁ ଛାଡ଼ି ଆନନ୍ଦଙ୍କର ବାକି ଶରୀର ପାରାଲାଇଜ୍ଡ ହୋଇଗଲା। ଆନନ୍ଦଙ୍କର ଏପରି ଅବସ୍ଥା ଦେଖି ସମସ୍ତଙ୍କ ମୁହଁରୁ ହସ କୁଆଡ଼େ ଉଭେଇଗଲା। କିନ୍ତୁ ଆନନ୍ଦ →



ପୁଣିଥରେ ନିଜକୁ ଦୃଢ କଲେ। ଦେଖିଥିବା ସ୍ୱପ୍ନକୁ ପୂରା କରିବାକୁ ମନରେ ଭରସା ଜୁଟେଇଲେ। କିଛିଦିନ ବିଶ୍ରାମ ନେବା ପରେ ଧୀରେ ଧୀରେ ଆନନ୍ଦ ହାଲୁକା ବ୍ୟାୟାମ କରିବା ଆରମ୍ଭ କରିଦେଲେ। ଯଦ୍ୱାରା କ୍ରମେ ଆନନ୍ଦଙ୍କର ଅପର୍ ବଡିରେ ଟିକେ ମୁଭ୍‌ମେଣ୍ଟ ହେବା ଦେଖାଗଲା। ଡାକ୍ତରଙ୍କୁ ଦେଖାଇବାରୁ ଡାକ୍ତର କିନ୍ତୁ ଆଶାନୁରୂପ କିଛି କଥା କହିଲେ ନାହିଁ। ତଥାପି ଆନନ୍ଦ ନିଜ ମନୋବଳକୁ ନ ଭାଙ୍ଗି ତାଙ୍କ ପରିବାର ଲୋକଙ୍କୁ ତାଙ୍କୁ ଟିକେ ଜିମ୍ ନେଇଯିବା ପାଇଁ କହିଲେ। ଜିମ୍‌କୁ ଯିବା ପରେ ସେଠି ଅନ୍ୟମାନଙ୍କୁ ପୁସ୍‌ଅପ୍ ତଥା ଏକ୍ସରସାଇଜ୍ କରୁଥିବାର ଦେଖି ତାଙ୍କ ଭିତରେ ବି ଧୀରେ ଧୀରେ ଆତ୍ମବିଶ୍ୱାସ ବଢିଥିଲା। ପରେ ସିଏ ନିଜେ ଚେଷ୍ଟା କରି କେତେଗୁଡ଼ିଏ ଅପର୍ ବଡି ଏକ୍ସରସାଇଜ୍ କରିବାକୁ ଲାଗିଲେ। ତା'ପରେ କ୍ରମେ ଅନ୍ୟ ଏକ୍ସରସାଇଜ୍ ଯେମିତିକି ପୁସ୍‌ଅପ୍, ଚେଷ୍ଟ ପ୍ରେସ୍, ବ୍ୟାକ୍‌ଡିପ୍ସ ଆଦି ମଧ୍ୟ କଲେ। ଯଦ୍ୱାରା ଧୀରେ ଧୀରେ ଆନନ୍ଦଙ୍କ ଶରୀରରେ ଅନେକ ଉନ୍ନତି ପରିଲକ୍ଷିତ ହେଲା ଆଉ ସେହି ଅନୁଯାୟୀ ତାଙ୍କ ଆତ୍ମବିଶ୍ୱାସ ବି ବଢିଚାଲିଲା। ଯାହାକୁ ଲକ୍ଷ୍ୟ କରି କୋଚ୍ ଆନନ୍ଦଙ୍କୁ ବଡି ବିଲ୍ଡିଂ ଇଣ୍ଡଷ୍ଟ୍ରିରେ ଜଣେ ହ୍ୱିଲ୍‌ଚେୟାର୍ ବଡି ବିଲ୍ଡର୍ ଭାବେ ପରିଚିତ କରିବାକୁ ଯୋଜନା କଲେ। ବିଭିନ୍ନ ପ୍ରଫେଶନାଲ୍ କମ୍ପିଟିଶନ୍‌ରେ ତାଙ୍କୁ ଭାଗ ନେବାର ସୁଯୋଗ ମଧ୍ୟ ଦେଲେ। ବାସ୍ ତା'ପରଠୁ ଆନନ୍ଦଙ୍କୁ ଆଉ କେହି କେବେ ନିରାଶ ହେବାର ଦେଖିନି। ହ୍ୱିଲ୍ ଚେୟାର୍ ବଡି ବିଲ୍ଡିଂରେ ଭାଗ ନେଇ ୟା' ଭିତରେ ଆନନ୍ଦ ୪ ଥର ମିଷ୍ଟର ଇଣ୍ଡିଆ, ୧୨ ଥର ମିଷ୍ଟର ପଞ୍ଜାବ ଟାଇଟଲ୍ ଜିତିସାରିଲେଣି। ଏପରିକି ୨୦୧୮ରେ ମିଷ୍ଟର ଅଲିମ୍ପିଆ ଭାବେ ରୌପ୍ୟ ପଦକ ଜିତି ସମସ୍ତଙ୍କ ମନ ବି ଜିଣିସାରିଲେଣି। ତା'ସହିତ ଏବେ ସିଏ ଅନେକ ଅନ୍ତଃରାଷ୍ଟ୍ରୀୟ ହେଲ୍‌ଥ ବ୍ରାଣ୍ଡର ଆମ୍ବାସାଡର୍ ରହିବା ସହିତ କେତେକ ଲୋକପ୍ରିୟ ଆକ୍ସନ ଟଏଜ୍‌ର ମଡେଲ୍ ଭାବେ ମଧ୍ୟ କାର୍ଯ୍ୟକରୁଛନ୍ତି। କେବଳ ସେତିକି ନୁହେଁ, ଆମେରିକାର ଜଣେ ପ୍ରସିଦ୍ଧ ଲେଖକ ଆଲେନ୍ ଉଡ୍‌ମ୍ୟାନ୍ ଆନନ୍ଦଙ୍କ ଜୀବନୀକୁ ନେଇ ଏକ ବହି ମଧ୍ୟ ଲେଖିଛନ୍ତି ; ଯାହାର ନାଁ ହେଉଛି 'ୱେଟ୍‌ଲେସ୍: ଏ ଟ୍ରୁ ଷ୍ଟୋରି ଅଫ୍ କରେଜ୍ ଆଣ୍ଡ ଡିଟରମିନେଶନ୍'। ସତରେ ଆନନ୍ଦଙ୍କର ଏହି ସଂଘର୍ଷମୟ ଜୀବନ ସମସ୍ତଙ୍କ ପାଇଁ ଏକ ପ୍ରେରଣା।

**ସଫଳତାର ଅନ୍ୟନାମ ମେରିକଲ୍ ଏପଟନ୍:** ଫିଲିପାଇନ୍ସର ଜମ୍ବୋଆଙ୍ଗା ଅଞ୍ଚଳର ଜଣେ ଚୁଲ୍‌ବୁଲି ଝିଅ ଥିଲେ ମେରିକଲ୍ ଏପଟନ୍। ମିଠା ମିଠା କଥା ଆଉ ତାଙ୍କର ନମ୍ର ଆଚରଣ ସମସ୍ତଙ୍କ ମନ କିଣି ନେଉଥିଲା। ମୁକ୍ତ ଆକାଶର ବିହଙ୍ଗଟିଏ ପରି ସେ ବେଶ୍ ଖୁସିରେ ତାଙ୍କର ଜୀବନ ବିତାଉଥିଲେ। କିନ୍ତୁ ୨୦୦୦ ମସିହା ସେପ୍ଟେମ୍ବର ୫ରେ ଏମିତି ଏକ ଦୁଃଖଦ ଘଟଣା ଘଟିଲା ମେରିକଲ୍‌ଙ୍କ ସହ ; ଯାହା ତାଙ୍କର ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇଦେଲା। ସେତେବେଳେ ମେରିକଲ୍‌ଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥାଏ। ନିଜ ଅଙ୍କଲ୍‌ଙ୍କ ସହ ମେରିକଲ୍ ଘରଠାରୁ କିଛି ଦୂରରେ ଥିବା ଏକ ଜଳାଶୟରୁ ପାଣି ଆଣିବାକୁ ଯାଇଥାନ୍ତି। ଫେରିବା ସମୟରେ ଏକ ନିକାଞ୍ଚନ ଜାଗା ଦେଖି ୪/୫ ଜଣ ଲୋକ ହାତରେ ଧାରୁଆ ଅସ୍ତ୍ର ଧରି ସେମାନଙ୍କୁ ଅଟକାଇଲେ। ସେମାନେ କେହି ଅପରିଚିତ ନ ଥିଲେ ବରଂ ମେରିକଲ୍‌ଙ୍କ ପଡ଼ିଶା ଘରର ଚିହ୍ନାଜଣା ଲୋକଥିଲେ। କିଛିଦିନ ପୂର୍ବରୁ ମେରିକଲ୍‌ଙ୍କ ଅଙ୍କଲ୍‌ଙ୍କ ସହ ସେହି ଲୋକଙ୍କର ଜମିବାଡ଼ିକୁ ନେଇ ଝଗଡ଼ା ହୋଇଥିଲା। ସେହି ରାଗ ଶୁଝାଇବାକୁ ସେମାନେ ଅସ୍ତ୍ରଶସ୍ତ୍ର ଧରି ଆସିଥିଲେ ମେରିକଲ୍‌ଙ୍କ ଅଙ୍କଲ୍‌କୁ ଜୀବନରୁ ମାରିଦେବା ପାଇଁ। ମେରିକଲ୍‌ଙ୍କ ଅଙ୍କଲ୍‌କୁ ତ ମାରିଦେଲେ ତା'ସହିତ ଏହି ନିରୀହ ଝିଅ ମେରିକଲ୍‌ଙ୍କୁ ବି ସେମାନେ ଛାଡିଲେ ନାହିଁ। ତାଙ୍କ ବେକ ଓ ପିଠିକୁ ଧାରୁଆ ଛୁରିରେ ଆଘାତ କରିବାରୁ ମେରିକଲ୍ ବେହୋସ ହୋଇଗଲେ। କିଛି ସମୟ ପରେ ତାଙ୍କର ହୋସ୍ ଆସିଥିଲେ ହେଁ, ସେ ବୁଦ୍ଧି ଖଟାଇ ମଲା ପରି ସେମିତି ପଡ଼ି ରହିଥିଲେ। କାରଣ ସେପର୍ଯ୍ୟନ୍ତ ସେ ଲୋକମାନେ ସେଠାରୁ ଯାଇ ନ ଥିଲେ। ପରେ ସେହି ଲୋକମାନେ ଯେତେବେଳେ ସେଠାରୁ ଚାଲିଯିବାର ମେରିକଲ୍ ଅନୁଭବ କଲେ, ବହୁ କଷ୍ଟରେ ନିଜକୁ ସମ୍ଭାଳି କାନ୍ଦି କାନ୍ଦି ଘର ଅଭିମୁଖେ ଦୌଡ଼ିଲେ। ଦୌଡ଼ିବା ସମୟରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କ ହାତ ଦୁଇଟି ମଣିବନ୍ଧଠାରୁ କଟି ସେମିତି ଝୁଲିକି ରହିଛି। ଏ ଦୃଶ୍ୟ ଦେଖି ମେରିକଲ୍ ଆହୁରି ଡରିଗଲେ ଆଉ ଯେନତେନ ପ୍ରକାରେ ଦୌଡି ଦୌଡି ଯାଇ ଘର ଦୁଆର ମୁହଁରେ ମା'ବୋଲି ଡାକି ବେହୋସ ହୋଇଗଲେ। ଝିଅର ରକ୍ତ ଜୁଡୁବୁଡୁ ଶରୀରକୁ ଦେଖି ମା' ବିକଳ ହୋଇ ଏକ କମ୍ବଳରେ ଝିଅକୁ ଧରି ଡାକ୍ତରଖାନା ଅଭିମୁଖେ ଦୌଡିଲେ। କିନ୍ତୁ ତାଙ୍କ ଘରଠାରୁ ଏନ୍‌ଏଚ୍ ପ୍ରାୟ ୧୨ କି.ମି. ଦୂର ଥିଲା। ଯିବା ପାଇଁ ହଠାତ୍ ଗାଡ଼ିମୋଟରର କିଛି ସୁବିଧା ନ ମିଳିବାରୁ ଝିଅକୁ ଦୁଇ ହାତରେ କୋଳେଇ ଧରି ଦୌଡି ଦୌଡି ଏନ୍‌ଏଚ୍ ଓ ସେଠାରୁ ଡାକ୍ତରଖାନା ଯିବାକୁ ମେରିକଲ୍‌ଙ୍କ ମା'ଙ୍କୁ ପ୍ରାୟ ୪ ଘଣ୍ଟା ସମୟ ଲାଗିଗଲା। ସଙ୍ଗେସଙ୍ଗେ ମେରିକଲ୍‌ଙ୍କର ଅପରେଶନ୍ ଆରମ୍ଭ ହେଲା। ୫ ଘଣ୍ଟା ଧରି ଚାଲିଥିବା ଏହି ଅପରେଶନ୍‌ରେ ମେରିକଲ୍‌ଙ୍କର ଶରୀରରେ ପ୍ରାୟ ୨୫ଟି ଷ୍ଟିଚ୍ ପଡିଲା। ମେରିକଲ୍‌ଙ୍କ ଜୀବନ ସିନା ରହିଗଲା ହେଲେ ତାଙ୍କର କଟି ଯାଇଥିବା ହାତ ଦୁଇଟିକୁ ଆଉ ମଣିବନ୍ଧ ସହ ଯୋଡି ହୋଇପାରିଲା ନାହିଁ। ଏହି ସମୟରେ ତାଙ୍କୁ ସାହାଯ୍ୟ କରିବାକୁ ତାଙ୍କର ଜଣେ ସମ୍ପର୍କୀୟ ଆଗେଇ ଆସିଲେ। ଡାକ୍ତରଖାନାରେ ବାକି ରହିଯାଇଥିବା ବିଲ୍‌କୁ କ୍ଲିୟର୍ କରି ମେରିକଲ୍‌ଙ୍କୁ ଡାକ୍ତରଖାନାରୁ ଆଣିଲେ। ତା'ସହିତ ପୋଲିସ୍‌ର ସହାୟତା ନେଇ ଅପରାଧୀଙ୍କୁ ଦଣ୍ଡ ଦେଲେ। କେବଳ ସେତିକି ନୁହେଁ, ମେରିକଲ୍‌ଙ୍କୁ ପୁଣିଥରେ ପାଠ ପଢାଇ ତାଙ୍କୁ ଯୋଗ୍ୟା କରିବାକୁ ମଧ୍ୟ ସିଏ ସବୁ ପ୍ରକାରର ସାହାଯ୍ୟ କଲେ। ମେରିକଲ୍ ବି ନିଜକୁ ଦୃଢ଼ କଲେ। ଛୋଟବେଳୁ ମେରିକଲ୍‌ଙ୍କର ରୋଷେଇ ପ୍ରତି ଖୁବ୍ ଆଗ୍ରହ ଥିଲା ; ତେଣୁ ସେହି ଦିଗରେ କ୍ୟାରିୟର୍ କରିବାକୁ ଚିନ୍ତା କରି ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିବା ପରେ ମେରିକଲ୍ ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ମ୍ୟାନେଜ୍‌ମେଣ୍ଟ ଉପରେ ଏକ ଦୁଇ ବର୍ଷୀୟା କୋର୍ସ କଲେ। ତା'ସହିତ ଆର୍ଟ ଆଣ୍ଡ କ୍ରାଫ୍ଟ ଉପରେ ମଧ୍ୟ ଏକ କୋର୍ସ କରି ସେଥିରେ ଗୋଲ୍ଡ ମେଡାଲ୍ ପାଇଲେ। ତା'ପରେ ନିକଟସ୍ଥ ଏକ ରେଷ୍ଟୁରାଣ୍ଟରେ ସେ ଶେଫ୍ ଭାବେ କାମ କରିବାକୁ ଲାଗିଲେ। ଜଣେ ଦିବ୍ୟାଙ୍ଗ ହୋଇ ବି ରେଷ୍ଟୁରାଣ୍ଟରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିବା, ତା'ସହିତ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର କରିବା ଯୋଗୁ କ୍ରମେ ତାଙ୍କୁ ସମସ୍ତେ ପସନ୍ଦ କଲେ। ଧୀରେ ଧୀରେ ବିଭିନ୍ନ ଚ୍ୟାନେଲ୍‌ରେ ମେରିକଲ୍‌ଙ୍କର ଇଣ୍ଟରଭ୍ୟୁ ପ୍ରକାଶ ପାଇଲା। ଯାହାକୁ ଦେଖି ହଠାତ୍ ଦିନେ ଫିଲିପାଇନ୍ସର ମାନିଲା ଅଞ୍ଚଳରେ ଥିବା 'ଏଡ୍‌ସା ଶାଙ୍ଗରି-ଲା' ନାମକ ଏକ ପଞ୍ଚ ତାରକା ହୋଟେଲ୍‌ର ମ୍ୟାନେଜର୍ ମେରିକଲର୍‌ଙ୍କୁ ଉକ୍ତ ହୋଟେଲ୍‌ରେ ଶେଫ୍ ଭାବେ ଚାକିରି କରିବାକୁ ଅଫର୍ ଦେଲେ। ବାସ୍ ତା'ପରଠୁ ମେରିକଲ୍‌ଙ୍କ ଭାଗ୍ୟ ବଦଳିଗଲା। ଏବେ ବି ସେ ଉକ୍ତ ହୋଟେଲ୍‌ରେ ଜଣେ ଦକ୍ଷ ଶେଫ୍ ଭାବେ କାର୍ଯ୍ୟ କରିବା ସହ ଉତ୍ତମ ସ୍ୱଭାବ ଯୋଗୁ ସମସ୍ତଙ୍କର ପ୍ରିୟ ପାଲଟି ଯାଇଛନ୍ତି।


ମେରିକଲ୍ ଏପଟନ

**ରୋଗ ରୋକିପାରିନି ସାଇଙ୍କ ପାଦକୁ:** ପଶ୍ଚିମବଙ୍ଗ, ଶିଲିଗୁଡ଼ି ଅଞ୍ଚଳର ଅଧିବାସୀ ହେଲେ ଡ. ସାଇ କୌସ୍ତୁଭ ଦାସଗୁପ୍ତା। ଜଣେ ସୁସ୍ଥ ଶିଶୁ ଭାବେ ସେ ଜନ୍ମ ନେଇଥିଲେ। କିନ୍ତୁ ତାଙ୍କୁ ଯେତେବେଳେ ସାଢେ ତିନି ବର୍ଷ ବୟସ ହୋଇଥିଲା, ହଠାତ୍ ତାଙ୍କର କ'ଣ ହେଲା କେଜାଣି ସେ ଖୁବ୍ ଜୋର୍‌ରେ କାନ୍ଦିବାକୁ ଲାଗିଲେ। ମା'ବାପା ତାଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ନେଇଯିବାରୁ ଡାକ୍ତର ସେଠାରେ ତାଙ୍କର ଏକ ଫ୍ରାକ୍ଚର ହୋଇଥିବା କଥା କହିଲେ। ମା'ବାପା ଭାବିଲେ ହୁଏତ ଅସାବଧାନତା ବଶତଃ ସାଇଙ୍କର କେଉଁଠି ମାଡ଼ ହୋଇ ଫ୍ରାକ୍ଚର ହୋଇଯାଇଛି। ହେଲେ ସେମିତି କିଛି ବି ନ ଥିଲା। ଅଳ୍ପ କିଛିଦିନର ବ୍ୟବଧାନ ଭିତରେ ଏହି ଘଟଣା ଆହୁରି ଦୁଇତିନି ଥର ଘଟିଲା। ବାପାମା' ଡରିଯାଇ ତାଙ୍କୁ ଜଣେ ସ୍ପେଶାଲିଷ୍ଟଙ୍କ ପାଖକୁ ନେଇଗଲେ। ସେଠାରେ ପରୀକ୍ଷା କରାଯିବାରୁ ଜଣାଗଲା ଯେ, ସାଇ ଅଷ୍ଟିୟୋଜେନେସିସ୍ ଇମ୍ପରଫେକ୍ଟା (ଯାହାକୁ ଅସ୍ଥି ଭଙ୍ଗୁର ରୋଗ ବୋଲି କୁହାଯାଏ) ରୋଗରେ ପୀଡିତ। ଏହା ଏକ ଭୟଙ୍କର ରୋଗ, ଯାହାର ଚିକିତ୍ସା ପାଇଁ ଏପର୍ଯ୍ୟନ୍ତ କୌଣସି ଠିକ୍ ପଦ୍ଧତି ବାହାରିନାହିଁ। ତେଣୁ ଏଭଳି ରୋଗୀଙ୍କର ଖୁବ୍ ଯତ୍ନ ନେବାକୁ ପଡିଥାଏ। ସାମାନ୍ୟ ଆଘାତରେ ବି ଏମାନଙ୍କ ଶରୀରର କୌଣସି ଅସ୍ଥି ବି ଭାଙ୍ଗି ଯାଇପାରେ। ତେଣୁ ସାଇଙ୍କୁ ବି ସେମିତି ଯତ୍ନରେ ତାଙ୍କ ମା'ବାପା ରଖୁଥିଲେ। ସାଇଙ୍କୁ ନାଚିବାକୁ ଖୁବ୍ ଭଲ ଲାଗୁଥିଲା। କିନ୍ତୁ ଡାକ୍ତରଙ୍କ ବାରଣ ପାଇଁ ତାଙ୍କ ନାଚ ବନ୍ଦ ହୋଇଗଲା। ତା'ପରେ ଯେହେତୁ ତାଙ୍କ ମା' ଜଣେ କ୍ଲାସିକାଲ୍ ସିଙ୍ଗର୍ ଥିଲେ, ତେଣୁ ସିଏ ମା'ଙ୍କ ଠାରୁ ଗୀତ ଶିଖିବା ଆରମ୍ଭ କଲେ। ତାଙ୍କ କଣ୍ଠ ଖୁବ୍ ସୁନ୍ଦର ଥିବାରୁ, ଖୁବ୍ କମ୍ ଦିନରେ ତାଙ୍କୁ ପ୍ଲେ ବ୍ୟାକ୍ ସିଙ୍ଗର୍‌ର ଅଫର୍ ମିଳିଗଲା। ଏଇଠୁ ତାଙ୍କର ନୂଆ ଏକ କ୍ୟାରିୟର୍ ଆରମ୍ଭ ହେଲା। କିଛିଦିନ ପରେ ତାଙ୍କ ମା'ବାପା ଆନ୍ଧ୍ରପ୍ରଦେଶକୁ ଯାଇ ସେଠାରେ ରହିବାକୁ ଲାଗିଲେ। ଯେଉଁଠାରେ ସେମାନେ ୧୭ ବର୍ଷ ରହିଲେ। ତା'ରି ଭିତରେ ସାଇଙ୍କର ଆହୁରି କେତେକ ଅସ୍ଥି ଭାଙ୍ଗି ସାରିଥାଏ। ଏପରିକି ଏହି ଅସ୍ଥି ଭାଙ୍ଗିବା ଯୋଗୁ ତାଙ୍କୁ ପାଠପଢା, ନାଚ, ଗୀତ ସବୁକୁ ଧୀରେ ଧୀରେ ଛାଡିବାକୁ ପଡୁଥାଏ। ଯାହା ତାଙ୍କୁ ବିଶାଦ ଆଡକୁ ଟାଣି ନେଉଥାଏ। ହେଲେ ଦିନେ ସାଇ ଚିନ୍ତା କଲେ ଯେ, ଯଦି ନିଜର ଏହି ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ ଏମିତି ଭାଙ୍ଗିପଡିବେ ତା'ହେଲେ ଜୀବନରେ କିଛି ବି କରିପାରିବେ ନାହିଁ। ତେଣୁ ଦୃଢମନା ହେଲେ। ସେତେବେଳକୁ ତାଙ୍କର ୫୦ଟି ଫ୍ରାକ୍ଚର ହୋଇଯାଇଥାଏ। ବାମ ହାତର ମାତ୍ର ଦୁଇଟି ଆଙ୍ଗୁଠିକୁ ଛାଡିଦେଲେ ଆଉ କିଛି ବି ଆଙ୍ଗୁଠି କାମ କରୁ ନ ଥାଏ। ତେଣୁ ସେହି ଦୁଇ ଆଙ୍ଗୁଠିରେ ନିଜ ଭାଗ୍ୟ ଲେଖିବାକୁ ପ୍ରତିଜ୍ଞାବଦ୍ଧ ହୋଇ ସେ କମ୍ପ୍ୟୁଟର୍‌ରେ ଗ୍ରାଫିକ୍ ଡିଜାଇନିଂ କୋର୍ସ କରିବାକୁ ଲାଗିଲେ। କଠିନ ଅଧ୍ୟବସାୟ ଫଳରେ ଖୁବ୍ କମ୍ ଦିନରେ ସେ ଜଣେ ଦକ୍ଷ ଗ୍ରାଫିକ୍ ଡିଜାଇନର୍ ହୋଇଗଲେ। କ୍ରମେ ତାଙ୍କ ଡିଜାଇନ୍‌କୁ କ୍ଲାଏଣ୍ଟମାନେ ପସନ୍ଦ କରିବାରୁ ତାଙ୍କର ଭଲ ରୋଜଗାର ବି ହେଲା। ଏହାପରେ ସିଏ ନିଜ ପାଇଁ ଏକ ଇଲେକ୍ଟ୍ରିକ୍ ହ୍ୱିଲ୍ ଚେୟାର୍ କିଣି ତାକୁ ବ୍ୟବହାର କରି ସବୁ କାମ ଆରାମରେ କରିପାରିଲେ। ଏବେ ସିଏ ଜଣେ ଗ୍ରାଫିକ୍ ଡିଜାଇନର୍, ଲେଖକ, ଗାୟକ, ହାପିନେସ୍ କୋଚ୍ ତଥା ଜଣେ ମୋଟିଭେଶନାଲ୍ ସ୍ପିକର୍ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ଶେଷରେ କେବଳ ଏତିକି କୁହାଯାଇପାରେ, ଦୃଢ ଇଚ୍ଛାଶକ୍ତି ଆଉ କଠିନ ଅଧ୍ୟବସାୟ ବଳରେ ଅସମ୍ଭବ ବି ସମ୍ଭବ ହୋଇପାରେ ; ଯାହାକୁ ପ୍ରମାଣ କରିଦେଇଛନ୍ତି ଏହି ବ୍ୟକ୍ତିମାନେ। ଦିବ୍ୟାଙ୍ଗ ହେଲେ ବି ଏମାନେ ଯେ ସମର୍ଥ ତାହାକୁ ଅସ୍ୱିକାର କରିହେବ ନାହିଁ।

–ଅମ୍ରିତା ମିଶ୍ର



ଡ. ସାଇ କୌସ୍ତୁଭ ଦାସଗୁପ୍ତା





# ସୁନା ହେଲେ ବି ନୁହେଁ ଦରକାରୀ



**ସୁନାର ଚମକ କାହାକୁ ବା ଆକର୍ଷିତ ନ କରେ? ସେଥିପାଇଁ ତ ଏହାର ମୂଲ୍ୟ ଦିନକୁ ଦିନ ଆକାଶ ଛୁଆଁ ହେବାରେ ଲାଗିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ସୁନାରେ ଏମିତି ବି ଜିନିଷ ତିଆରି ହୋଇଛି ଯାହା ବହୁତ ଦାମୀ ହୋଇଥିଲେ ହେଁ କାମରେ ବିଶେଷ ଆସି ନ ଥାଏ। ତଥାପି କେବେ ସଉକ ପାଇଁ ତ କେବେ ରେକର୍ଡ ପାଇଁ ଏସବୁ ତିଆରି ହୋଇଛି...**

**ସୁନା ଟଏଲେଟ୍ ପେପର୍:** ଆଜିକାଲିର ମଡ଼ର୍ନ ଟଏଲେଟ୍‌ର ଏକ ପ୍ରମୁଖ ଅଂଶ ହେଉଛି ଟଏଲେଟ୍ ପେପର୍। ପ୍ରାୟ ସବୁ ଟଏଲେଟ୍‌ରେ ଏହା ରହୁଛି। ବ୍ୟବହାର ପରେ ଫିଙ୍ଗାଯାଉଥିବା ଏହି ଟଏଲେଟ୍ ପେପର୍ ପୁଣି ସୁନାର ବି ଅଛି। ଯାହାକୁ ହଂକଂର ଜଣେ ବ୍ୟକ୍ତି ବାଥରୁମ୍‌ରେ ରଖିଛନ୍ତି। ୨୦୦୧ରେ ଗୋଲ୍ଡ ଟେକ୍ନୋଲୋଜି ଗ୍ରୁପ ଏହାକୁ ତିଆରି କରିଥିଲା। ଏହାର ମୂଲ୍ୟ ୨.୫ ମିଲିୟନ ଡଲାର।

**ଷ୍ଟାପଲର୍ ପିନ୍:** ସ୍କୁଲ, କଲେଜ, ଅଫିସ୍‌ଗୁଡିକରେ ଷ୍ଟାପଲର୍ ପିନ୍‌ର ବହୁଳ ବ୍ୟବହାର ହୁଏ। ଖୁବ୍ କମ୍ ଦାମରେ ମିଳୁଥିବାରୁ ଏହାକୁ କେହି ଏତେଟା ଗୁରୁତ୍ୱ ଦିଅନ୍ତି ନାହିଁ। ହେଲେ ଏହି ଷ୍ଟାପଲର୍ ପିନ୍ ବି ସୁନାର ଅଛି, ଯାହାର ମୂଲ୍ୟ ୨୪୦ ଡଲାର। ଆଉ ଏହା ଏକ ଭେଲଭେଟ୍ ଜୁଏଲେରୀ କେସ୍‌ରେ ମିଳେ।





**ସୁନା ସାର୍ଟ:** ପୁଣେର ଦତ୍ତା ଫୁଗେ, ଯେକି ଗୋଲ୍ଡମ୍ୟାନ୍‌ଭାବେ ପରିଚିତ ଥିଲେ ସେ ପିନ୍ଧୁଥିଲେ ସୁନାରେ ତିଆରି ଏକ ସାର୍ଟ। ତାଙ୍କର ଜୁଏଲର୍‌ଙ୍କ ଟିମ୍ ଏହାକୁ ତିଆରି କରିବା ପାଇଁ ୧୫ ଦିନ ସମୟ ନେଇଥିଲେ। ଉକ୍ତ ସାର୍ଟର ମୂଲ୍ୟ ୨୪୦,୦୦୦ ଡଲାର ଥିଲା। ଏହି ସାର୍ଟ ପାଇଁ ସେ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଥିଲେ।

**ସୁନା ସାଇକେଲ:** ଘରେ ଘରେ ସାଇକେଲ ଯେମିତି ବି ହେଉ ଥାଏ। ଆଖପାଖର କିଛି ସ୍ଥାନକୁ ଯିବାଠାରୁ ଆରମ୍ଭ କରି ଫିଟ୍‌ନେସ୍ ପାଇଁ ସାଇକେଲର ବ୍ୟବହାର କରାଯାଏ। କମ୍ ଦାମ୍‌ରୁ ଆରମ୍ଭ କରି ଅଧିକ ଦାମର ସାଇକେଲ ମିଳେ। ହେଲେ ଏମିତି ବି ଏକ ସାଇକେଲ ଅଛି, ଯାହାର ହ୍ୟାଣ୍ଡେଲ ବାର୍‌ଠାରୁ ଆରମ୍ଭ କରି ଚକର ରିମ୍, ପେଡାଲ, ଗିୟର୍ ଚେନ୍ ସବୁକିଛି ୨୪ କ୍ୟାରେଟ୍ ସୁନାରେ ତିଆରି। ବେଶ୍ ଆକର୍ଷକ ଦେଖାଯାଉଥିବା ଉକ୍ତ ସୁନା ସାଇକେଲର ମୂଲ୍ୟ ୪୭୦, ୩୪୫ ଡଲାର।

**ସୁନା ବାର୍ବିକ୍ୟୁ:** ଅଷ୍ଟ୍ରେଲିୟାର ଏକ ଫାର୍ମ ତିଆରି କରିଛି ଏମିତି ଏକ ଗ୍ରିଲ୍ ଯାହାକି ସମ୍ପୂର୍ଣ୍ଣଭାବେ ଗୋଲ୍ଡ ପ୍ଲେଟେଡ। କେବଳ କୁକିଂ ସରଫେସ୍‌କୁ ଛାଡିଦେଲେ ଏହାର ସବୁ ଅଂଶ ୨୪ କ୍ୟାରେଟ୍ ସୁନାରେ ଆଚ୍ଛାଦିତ। ସବୁଠୁ ବଡ଼ କଥା ହେଉଛି ଏହା ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ। ଏହାର ମୂଲ୍ୟ ୧୬୫,୦୦୦ ଡଲାର।

**ସୁନା ଚେୟାର:** କାଠ, ପ୍ଲାଷ୍ଟିକ ଭଳି ବିଭିନ୍ନ ଉପାଦାନରେ ତିଆରି ଓ ବିଭିନ୍ନ ପ୍ରକାରର ଡିଜାଇନ୍‌ର ଚେୟାର ମିଳେ। ତନ୍ମଧ୍ୟରେ ସୁନା ଚେୟାର ଅନ୍ୟତମ। ପୂର୍ବରୁ ରାଜା ମହାରାଙ୍କର ସିଂହାସନ ସୁନା ଓ ବିଭିନ୍ନ ରତ୍ନରେ ତିଆରି ହେଉଥିଲା। ଏବେ ବି ସେମିତି ସୁନାର ଚେୟାର ତିଆରି କରାଯାଉଛି। ଯାହାକି ରାଜକୀୟ ଲାଗେ।

**ସୁନା ଟଏଲେଟ୍:** ଆମେରିକା, ଅକ୍ସଫୋର୍ଡଶାୟରସ୍ଥ ବ୍ଲେନ୍‌ହିମ୍ ପାଲେସ୍‌ର ୱିନଷ୍ଟନ ଚର୍ଚ୍ଚିଲ ଜନ୍ମ ହୋଇଥିବା କୋଠରୀ ପାଖରେ ୧୮ କ୍ୟରେଟ୍ ସୁନାର ଏକ ଟଏଲେଟ୍ ସ୍ଥାପନ କରାଯାଇଛି। ଏଠାକୁ ଆସୁଥିବା ପର୍ଯ୍ୟଟକ ଏହାକୁ ଦେଖିପାରିବା ସହ ବ୍ୟବହାର କରିବାର ସୁଯୋଗ ପାଆନ୍ତି। ଆଉ ଏକ ରାଜକୀୟ ଅନୁଭୂତି ସାଉଁଟନ୍ତି।



**ସୁନା ସ୍ୟାଣ୍ଡେଲ:** ସବୁଠୁ ଲକଜ୍ୟୁରୀୟସ ସ୍ୟାଣ୍ଡେଲ ଦୁବାଇରେ ତିଆରି ହୋଇଥିଲା, ଯାହାକି ସୁନା ଓ ହୀରାରେ ତିଆରି ହୋଇଥିଲା। ଏହି ସ୍ୟାଣ୍ଡେଲର ମୂଲ୍ୟ ୧୭ ମିଲିୟନ ଡଲାର।

**ସୁନା ଆଇସକ୍ରିମ:** ଆଇସ୍କ୍ରିମ ବିଭିନ୍ନ ଫ୍ଲେଭରର ଆସେ। ତେବେ ଜାଣନ୍ତିକି ସୁନାର ଆଇସ୍କ୍ରିମ ବି ଅଛି। ଗୋଲ୍ଡ ଲିଫ୍‌ରେ ଆଚ୍ଛାଦିତ ଏହି ଆଇସକ୍ରିମ ପୁଣି ବହୁତ ଦାମୀ। ୧୦୦୦ ଡଲାର ଏହାର ମୂଲ୍ୟ। ଏଥିରେ ପୃଥିବୀର ସବୁଠୁ ଦାମୀ ଚକୋଲେଟ୍ ଆମଡେଇ ପୋର୍ସିଲାନା ବି ବ୍ୟବହାର ହୋଇଛି।





# ନୃତ୍ୟବେଳେ ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରିଥାଏ



ମା' ମୋତେ ଶୁଆଇଦେଇ ନୃତ୍ୟ ଅଭ୍ୟାସ କରୁଥିଲେ। ସେହି ସମୟରୁ ହିଁ ଓଡ଼ିଶୀ ନୃତ୍ୟକୁ ଦେଖିଛି, ସଙ୍ଗୀତ ଶୁଣିଛି । ସେତେବେଳେ କିଛି ବୁଝି ନ ପାରିଲେ ବି ଏସବୁ ମତେ ଖୁବ୍ ଭଲ ଲାଗୁଥିଲା। ଆଉ ମୋ ଅଜାଣତରେ ଏହି କଳାପ୍ରତି ମୁଁ ଆକର୍ଷିତ ହୋଇଯାଉଥିଲି...






ପିଲାଟି ଦିନରୁ ସେ ମା'ଙ୍କଠାରୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ନେଉଥିଲେ। ଏହି କଳା ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ପରିଚୟ ଦେବା ସହିତ ତାଙ୍କ ପାଇଁ ଆଣିଦେଲା ଅନେକ ସ୍ୱୀକୃତି ଓ ସମ୍ମାନ। ସେ ହେଲେ ଓଡ଼ିଶୀ ନୃତ୍ୟଶିଳ୍ପୀ **ମାହେଶ୍ୱରୀ ପ୍ରଧାନ**। ସେ କୁହନ୍ତି, ମୋ ବାପା ମିହିର ପ୍ରଧାନ ଜଣେ ଜଣାଶୁଣା ଆଇନଜୀବୀ ଏବଂ ମା' ମୁକ୍ତିଲତା ପାଲ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ସେ ମୋତେ ପିଲାଟି ଦିନରୁ ତାଙ୍କ ସାଥିରେ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ନେଇକି ଯାଉଥିଲେ। ସେଠାରେ ମା' ମୋତେ ଶୁଆଇଦେଇ ନୃତ୍ୟ ଅଭ୍ୟାସ କରୁଥିଲେ। ସେହି ସମୟରୁ ହିଁ ଓଡ଼ିଶୀ ନୃତ୍ୟକୁ ଦେଖିଛି, ସଙ୍ଗୀତ ଶୁଣିଛି । ସେତେବେଳେ କିଛି ବୁଝି ନ ପାରିଲେ ବି ଏସବୁ ମତେ ଖୁବ୍ ଭଲ ଲାଗୁଥିଲା। ଆଉ ମୋ ଅଜାଣତରେ ଏହି କଳାପ୍ରତି ମୁଁ ଆକର୍ଷିତ ହୋଇଯାଉଥିଲି। ପରବର୍ତ୍ତୀ ସମୟରେ ପାଠପଢା ସହିତ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ଜାରି ରଖିଲି। ମୋ ପିଲାଦିନର ଗୋଟିଏ ଘଟଣା, ସେତେବେଳେ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ବାହାର ରାଜ୍ୟରୁ କେତେଜଣ ନୃତ୍ୟଶିଳ୍ପୀ ଆସି ନୃତ୍ୟାଭ୍ୟାସ କରୁଥିଲେ। ସେଦିନ ସେହି ଅତିଥିମାନଙ୍କ ସମ୍ମୁଖରେ ମୁଁ ଏତେ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲି ଯେ, ସେମାନେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। କାରଣ ମୋ ବୟସ ତୁଳନାରେ ନୃତ୍ୟ ପରିବେଷଣର ଶୈଳୀ ଅଧିକ କଷ୍ଟସାଧ୍ୟ ଥିଲା କିନ୍ତୁ ମୁଁ ତାକୁ ଖୁବ୍ ସୁନ୍ଦର ଓ ସରଳଭାବେ ପରିବେଷଣ କରିଥିବାରୁ ସମସ୍ତଙ୍କ ମନକୁ ଛୁଇଁ ଯାଇଥିଲା। ଆଉ ସେମାନେ ମୋତେ ଭବିଷ୍ୟତରେ ଭଲ ନାଁ କରିବି ବୋଲି ଆଶୀର୍ବାଦ ଦେଇଥିଲେ। ସେବେଠାରୁ ଆଉ ପଛକୁ ଚାହିଁନି, ସେହି ପଦକ କଥା ମୋତେ ପ୍ରେରଣା ଦେଇଆସୁଛି। ସମୟକ୍ରମେ ସ୍ୱର୍ଗତ ଗୁରୁ କେଲୁଚରଣ ମହାପାତ୍ର, ଦୀପକ ବସୁ, ଗୁରୁ ରମଣୀ ରଞ୍ଜନ ଜେନା, ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଗୁରୁ ଗଙ୍ଗାଧର ପ୍ରଧାନ, ଡ. ଦାମୋଦର ହୋତାଙ୍କ ସଂସ୍ପର୍ଶରେ ଆସିଥିଲି। କୋଣାର୍କ ମହୋତ୍ସବରେ କୁମ୍‌କୁମ୍ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏକ ନୃତ୍ୟନାଟିକା ଅରଣ୍ୟ ଏବଂ ଦୂରଦର୍ଶନରେ ୧୯୯୯ ମହାବାତ୍ୟା ପରେ 'ବାତ୍ୟା' ନାମକ ଏକ ନୃତ୍ୟ କାର୍ଯ୍ୟକ୍ରମରେ ମୋ ମା'ଙ୍କ ସହିତ ଶିଶୁ କଳାକାର ଭାବେ ନୃତ୍ୟ ପରିବେଷଣ କରିଥିଲି। ଓଡ଼ିଶୀ ନୃତ୍ୟରେ ହଂସଧ୍ୱନି, ପଲବୀ ଏବଂ ଅଭିନୟରେ ଗୀତଗୋବିନ୍ଦ ବିଷୟ ଖୁବ୍ ଭଲଲାଗେ। ଓଡ଼ିଶାର କଳା ସଂସ୍କୃତି ତଥା ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ପ୍ରସାରରେ ଆନନ୍ଦ ମିଳେ। ମୋ ମା' ଆଚାର୍ଯ୍ୟ ହରିହର କଲେଜର ପୂର୍ବତନ ପ୍ରିନ୍ସିପାଲ। ତେବେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଭାବେ ତାଙ୍କର ଭିନ୍ନ ପରିଚୟ ରହିଛି । ସେ ମୋର ଆଦର୍ଶ । ସେ ମୋର ଗୁରୁ। ମା'ଙ୍କଠାରୁ ମୋ ନାମକରଣ ସମ୍ପର୍କରେ ଏକ କଥା ଶୁଣିଥିଲି ଯେ, ସେ ଯେତେବେଳେ ମୋ ନାମ ଦେବାକୁ ଚାହିଁଥିଲେ ସେତେବେଳେ ଗୁରୁ ଭୁବନେଶ୍ୱର ମିଶ୍ର ସଂଗୀତର ଏକ ନୂଆ ରାଗକୁ ନେଇ ମୋ ନାମ ମାହେଶ୍ୱରୀ ବୋଲି ଦେଇଥିଲେ। ପାଠ ସହ ମୋର ନୃତ୍ୟ ସଙ୍ଗୀତ ସାଧନା ଜାରି ରହିଥିଲା। କଲିକତା ଯାଇ ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟରରେ ଏକାକୀ ଦେବୀନୃତ୍ୟ ପରିବେଷଣ କରିଥିଲି। ୧୪ବର୍ଷରୁ କମ୍ ପ୍ରତିଭା ପ୍ରଦର୍ଶନ କରି ସମ୍ମାନିତ ହୋଇଥିଲି। ୨୦୧୩ରେ ଅନ୍ତର୍ଜାତୀୟ ନୃତ୍ୟ ପ୍ରଦର୍ଶନ କରିଥିଲି। ୨୦୧୬ରେ ଜାତୀୟ ବୃତ୍ତି ପାଇଥିଲି। ବିଭିନ୍ନ ସମ୍ମାନ ମଧ୍ୟରେ ସଙ୍ଗୀତ ଭୂଷଣ ରୁନ୍‌ଝୁନ୍ ସମ୍ମାନ, ୨୦୧୧ରେ ଓଡ଼ିଶୀ ଗ୍ରୁପ ନୃତ୍ୟରେ ଗିନିଜ ବୁକ୍ ବିଶ୍ୱ ରେକର୍ଡ, ନବ ପ୍ରତିଭା, ପ୍ରସାର ଭାରତୀ ଏବଂ ନୃତ୍ୟ ସୃଜନ ଜାତୀୟ ପୁରସ୍କାର ଆଦି ରହିଛି। ଏହାଛଡ଼ା ୨୦୧୫ରେ ଦୂରଦର୍ଶନ ବି ଗ୍ରେଡ୍ କଳାକାର ଭାବେ ସ୍ୱୀକୃତି ମିଳିଛି। ଇଞ୍ଜିନିୟରିଂ କରିଛି। ଏବେ ଇଷ୍ଟକୋଷ୍ଟ ରେଳ ବିଭାଗ ରେଳସଦନରେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରୁଛି। ମୋ ପ୍ରତି ଶାଶୁଘର ଓ ବାପଘର ଏପରିକି ଅଫିସରେ ମଧ୍ୟ ଅନ୍ୟସମସ୍ତଙ୍କ ସହଯୋଗ ରହିଛି। କିନ୍ତୁ ମୋ ପ୍ରତିଭା ବିକାଶରେ ସ୍ୱାମୀ ଇନ୍ଦିବର ଏବଂ ଶ୍ୱଶୁର ଅର୍ଜୁନକୁମାର ବେହେରାଙ୍କ ପ୍ରୋତ୍ସାହନ ରହିଛି। ନୃତ୍ୟ ବେଳେ ସ୍ୱର ଓ ତାଳ ସହିତ ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରିଥାଏ। ମୋ ମତରେ ଯିଏ ତାଳ, ଲୟ ଏବଂ ସ୍ୱରକୁ ଠିକ୍ ଭାବରେ ଜାଣିବ ସେ ଓଡ଼ିଶୀରେ ଭଲ କରିପାରିବ ।

–ବନବିହାରୀ ବେହେରା



## ସ୍ମୃତିର ସେ ରଙ୍ଗ ଓଢ଼ଣୀ

–ଡକ୍ଟର ପ୍ରୀତିପଦ୍ମା ପଣ୍ଡା

ଓଢ଼ଣୀରେ ଥିଲା କୁଆଁରୀ ରଙ୍ଗର
ହଜାରେ ମଲ୍ଲିର ବାସ୍ନା
ଆଜି ବି ସେ ଦାଗ ଲିଭିନି ମନରୁ
ମେଣ୍ଟିନି ସେ ମୃଗତୃଷ୍ଣା ।

ମୋ ରଙ୍ଗ ଓଢ଼ଣୀରେ ଏବେ ବି ସାଇତା
ତୁମ ଅବିର ହାତର ଚିହ୍ନ
ଲାଜୁଆ ସଞ୍ଜର ପୁବେଇ ପବନେ
ସ୍ମୃତିତୁମେ ମଲାଜହ୍ନ ।

ସେ ରଙ୍ଗ  ଓଢ଼ଣୀରେ ଏବେ ବି ଝଲସେ
ତୁମ ହାତ ଅଙ୍କା ଛବି
ସେ ଛବି ଚୁପି ଚୁପି କାନେ ମୋର କୁହେ
ତୁମ ମୋ ମନର ଦେବୀ ।

ସେ ରଙ୍ଗ ଓଢ଼ଣୀରେ ଲେଖା ହୋଇଅଛି
କେତେ ସ୍ମୃତି ଅନୁଭୂତି
ଦେଖିଛି ସେ କେତେ ସୁନେଲି  ସକାଳ
ରୂପେଲି ଜହ୍ନର ରାତି ।

ସେ ଭିଜିଛି ବର୍ଷାରେ ସିଝିଛି ଖରାରେ
କୃଷ୍ଣଚୂଡ଼ା ଗଛ ମୂଳେ
ପଉଷ ପାହାନ୍ତି ଶୀତୁଆ ସକାଳେ
ଗାଁ ନଈ ପଠା ପରେ ।

ଅଶୀଣ ସଂଜରେ କାଶତଣ୍ଡି ସାଥେ
ବସିଛି ସେ ଦିନେ ମିତ
ହଳଦୀ ସୋରିଷ କ୍ଷେତ ଧାରେ ଧାରେ
ଗାଇଛି ସେ କେତେ ଗୀତ ।

ଯେଉଁଦିନ ତୋତେ ଦେଇଛି ବିଦାୟ
ମୋ ଗାଁର ଶେଷ ଗାଡ଼ି
ସେଦିନୁ ଓଢ଼ଣୀ ଠିକଣା ହେଇଛି
ସିନ୍ଦୁକର ଶେଷ ପେଡ଼ି ।

*–ବରିଷ୍ଠ ଗବେଷଣା ବୈଜ୍ଞାନିକ*
*ହାଇଦ୍ରାବାଦ*
*ମୋ:୯୪୩୯୮୯୪୧୧୫*

## ପିଠା

–ଚିନ୍ମୟୀ ପଣ୍ଡା

‘ରେଣୁ, ନଡ଼ିଆ କୋରିଲୁଣି’ ।
‘ହଁ, ଦିଦି । ହେଇ ପା’  ।’
‘ଏତିକି ଟିକ୍‌ଟିକ୍ କରି କାଟିକି ଆଣିଲୁ ।’
‘ହଁ ଦିଦି, କୋରା ବି ଆଉ କଟା ନଡ଼ିଆ ବି ?’
‘ରଜ ପରା । ବିରି, ଚାଉଳ ନଡ଼ିଆ ପିଠା ହବ ।
‘ହଁ, ତୁ ଦେ ଜଲ୍‌ଦି ।’
ରେଣୁର ଝିଅ ତଳୁ ହାତ ବଢ଼େଇ ରହିଛି । ଚୋର ଭଳି ରେଣୁ ଏପଟ ସେପଟ ଚାହିଁ ଖଣ୍ଡେ ନଡ଼ିଆ ବଢ଼େଇଦେଲା ତା’ ତିନି ବର୍ଷର ଝିଅକୁ ।
ସଙ୍ଗୀତା ତରତର ହୋଇ ଜନ୍ତୁଣିକରି ତାକୁ ଶିଝେଇବା ପାଇଁ ରଖିଦେଲେ ।
ରେଣୁ ବାକି କାମ ସାରି ଗଲାଣି ତା’ ଘରକୁ ।
ରେଣୁ ଦେଖିଲା ତା’ ଝିଅ, ରାନୀ ନଡ଼ିଆକୁ ପାଟିରେ ପୂରେଇ ସେମିତି ରଖିଚି । ମଝିମଝିରେ ଟିକେ କାମୁଡୁଚି । ନ ହେଲେ ସେମିତି ପାଟିରେ ପୂରେଇ ରଖିଚି ।
‘ଖାଉନୁ । ଆଲୋ ଚୋବେଇକି ଖାଉନୁ ।’
ରାନୀ ମୁଣ୍ଡ ହଲେଇ, ଆଖିକୁ ବୁଲେଇ କହିଲା,
‘ମିଠା ।’
‘ଜଲ୍‌ଦି ପାଟିରୁ ସାରିକି ଆ’ ଖାଇବୁ ।’
‘ତୁ ସେ ଦିଦିଙ୍କୁ ମାଗି ପିଠା ଟିକେ ଆଣିବୁ । ଆମେ ରଜ ପିଠା ଖାଇବା ।’
‘ମାଗି ଖାଇବାଠୁ ହୀନ ନାଇଁ । ସବୁବେଳେ ତାଙ୍କ ଖାଇବାରେ ଲୋଭ ତତେ ।’
‘ ତୁ ରୋଷେଇ କରୁନୁ ସେମିତି ।’
‘ହଁ ! ତୋ ବୋପା ରଖିଚି ଟଙ୍କା, ମୁଁ ମସଲା କଷିକି ତତେ ଖୁଆଇବି । ନଡ଼ିଆ ଆଣିବି ପିଠା କରିବି । ମରିବାକୁ ଫୁରୁସତ ନାଇଁ । ଝିଅ କହୁଚି ପିଠା ଖାଇବ ।’
‘ମୁଁ ଖାଇବିନି ।’
‘ଚୁପ୍ ହେଇକି ଖାଇକି ଯା ।’
ରାନୀ ଖାଇବା ପାଟିରେ ପୁରେଇ ଥୁ ଥୁ କରି ଫିଙ୍ଗିଲା ।
ରେଣୁ ତା’ ପିଠିରେ ଧୁମ୍ କି ବିଧାଟେ କଷିଦେଲା ।
କାନ୍ଦି କାନ୍ଦି ରାନୀ ରାସ୍ତାକୁ ପଳେଇଲା ।
‘ବାରଘରେ କାମ କରିକି ଆସିବି । ଘରେ ରୋଷେଇ କରିବି । ଯାକୁ ଖୋଇବି ତା’ପରେ ଯାଇ ପାଟିରେ ଖାଇବା ବାଜିବ ମୋର । ରଜାଝିଅ ଯେ, ସୁଆଗ ଦେଖଉଚି ।’
ପୁଣି କାମକୁ ଯିବାକୁ ହବ । ଝିଅକୁ ଖୋଜିଲା ରେଣୁ । ରାସ୍ତାରେ ବସିକି ଧୂଳି ଖେଳୁଥିଲା । ତା’ ଧୂଳି ତକ ଝାଡ଼ି  ତାକୁ ଟାଣିଆଣି ଧରି କାମକୁ ଚାଲିଲା ରେଣୁ ।
ଦିଦି ଘରେ ପହଞ୍ଚୁ ପହଞ୍ଚୁ ରାନୀ କଅଁଳା ବାଛୁରୀ ଭଳି ଡେଇଁବାରେ ଲାଗିଲା ।
‘ମା’ ! ପିଠା ବଢ଼ିଆ ବାସୁଚି ।’
ରେଣୁ ଘର ଝାଡୁ କରୁଥାଏ । ତା’ କଥା ଶୁଣି ଝାଡୁ ଧରି ଦୌଡ଼ି ଆସିଲା ବାଡ଼େଇବାକୁ ।
‘ରେଣୁ, ବାହାରୁ ଦେଖିକି ସବୁ କରିଦେ । ମୁଁ ଶୋଇଚି । ଏଇ ଘରଟା ଥାଉ ।’
ରେଣୁ ଘର ଝାଡୁ ପରେ ବାରିପଟେ ବାସନ ମାଜିବାରେ ଲାଗିଲା ।
‘ମା’ ! ଦିଦି ଶୋଇଚି । ପିଠା ଖଣ୍ଡେ ଦେ ।’
‘ଗୋଇଠା ଖାଇବୁ । ଯା ଏଠୁ ।’
ମୁହଁ ଶୁଖେଇ ଛୁଆଟା ଏପଟ ସେପଟ ବୁଲିବାରେ ଲାଗିଲା ।
ଲାଳ ଗଡୁଚି ପାଟିରୁ ରାନୀର । ଚୁଲି ଉପରେ ଅଛି ପିଠା । ରାନୀ ତଳେ ବସିଚି ପିଠାକୁ ଅନେଇକି ।
ପାଦ ଚିପି ଧୀରେ ଯାଇ ଦେଖି ଆସିଲା । ମା’ କାମ କରୁଚି ।
ପିଠା ଖାଇବା ଲୋଭ ରାନୀର ପ୍ରବଳ ହେଲା । ଅସହ୍ୟ ହେଲା ।
ବାସନ ଗଦାରୁ ବଡ଼ ଡେକ୍‌ଚିଟିଏ ବାହାରକରି ତା’ ଉପରେ ଚଢ଼ିଲା ।
ବର୍ତ୍ତମାନ ରାନୀର ଭୋକ ପ୍ରବଳ ହେଲା ।
ଆଃ, ଆଉ ଟିକେରେ ହାତ ପାଇଯିବ । ହେଇ, ହେଇ ପିଠା ଆସୁଚି ରାନୀ ହାତକୁ । ବାସ୍, ଆଉ ଟିକେ । ରାନୀ ବଳ ଖଟେଇ ଟିପରେ ଠିଆହେଇ, ଟାଣି ଆଣିଲା ପିଠା ଥାଳିକୁ । ପିଠା ଥାଳି ଗରମ ଥିଲା ।
ଧୁମ୍....ଢଣ ....ଆଃ....ମା’.....
ରେଣୁ ଓ ସଙ୍ଗୀତା ଦୁହେଁ ଦୌଡ଼ି ଆସିଲେ ।
ପିଲାଟା ତଳେ ପଡ଼ିଥାଏ ତା’ ଉପରେ ପିଠା, ବାସନ ସବୁ ଏଣେତେଣେ ବିଛେଇ ପଡ଼ିଥାଏ ।
ଗରମ ପିଠାରେ ଦେହରେ ଠାଏ ଠାଏ ଶିଝିଯାଇଥାଏ ରାନୀର ।
‘ହେ ପରଭୁ । ପିଠା ପିଠା ବୋଲି ବାଇ ହେଇ କି କାମ କଲୁଲୋ ।’ ରେଣୁ କାନ୍ଦି କାନ୍ଦି ରାନୀକୁ ତଳୁ ଉଠେଇଲା ।
‘ଆହା  ! ପିଲାଟା ଖାଇବାକୁ ମାଗୁଥିଲା, ମତେ କାହିଁକି କହିଲୁନି’ ।
ବ୍ୟସ୍ତରେ ଏତିକି କହି ସଙ୍ଗୀତା ଦୌଡ଼ିଗଲେ କିଛି ମଲମ ଆଣିବା ପାଇଁ ।
‘କୋଉ ମୁହଁରେ କହିବି ଦିଦି । ଗରିବ ହେଲେ ବି ଲାଜ ସରମ ମତେ ଅଛିନା । ପିଲାଟା ସୁଆଦ ଖୋଜିଲେ କୋଉଠୁ ଦେବି ଗୋ । ତା’ ବାପା ତ ଆଉ ଗୋଟାକୁ ଧରି ରହିଚି । ମୁଁ କାମ କରିକି କି ସୁଆଦ ରୋଷେଇ କରିବି ଗୋ’ କହି ରାନୀକୁ ଧରି ଭୋ ଭୋ କାନ୍ଦିଲା ।
ରାନୀ ତା’ କଷ୍ଟ ଭୁଲି ମା’ ଆଖିରୁ ଲୁହ ପୋଛୁଥିଲା ।

*– ନୟାପଲ୍ଲୀ, ଭୁବନେଶ୍ୱର*
*ମୋ:୯୮୬୧୧୯୧୯୬୯*



# ଡରକୁଳୀ ଦିଶା

ଦିଶା ପଟାନି ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କ ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି ? ନିଜ ଛାଇ। ଏକଦା ଏକ ସନ୍ଧ୍ୟା ସମୟରେ ଇନ୍‌ଡୋର ଶୁଟିଂ ଚାଲିଥାଏ। ଏହି ସମୟରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସେ ଶଟ୍ ଦେବେ କ'ଣ ଚିତ୍କାର କରି ଉଠିଲେ। କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ଜାଣିବେନି ? ସେଦିନ ପଛକୁ ଚାହିଁବା ପରେ ଦିଶା ନିଜ ଛାଇକୁ ଦେଖି ଡରିଯାଇଥିଲେ। ଏପରି କି ସେଦିନ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। ଏ ସମ୍ପର୍କରେ ଦିଶା କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା। କ୍ୟାମେରା ସାମ୍ନାକୁ ଯିବା ପରେ ମୁଁ ଟିକେ ପଛକୁ ଚାହିଁଦେଲି। ଆଉ ତା'ପରେ ଡାଏଲଗ୍ କହିବି କ'ଣ ଭୟରେ ଚିତ୍କାର କରି ଉଠିଲି। ଏହା ଦେଖି ନିର୍ଦ୍ଦେଶକ ଦଉଡ଼ି ଆସିଲେ। ହେଲେ ମୁଁ ମୋ ଛାଇକୁ ଦେଖି ଡରିଲି ବୋଲି କହିବା ପରେ ସେଠାରେ କିଛି ସମୟ ପାଇଁ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ତା' ସହ ଶୁଟିଂ ମଧ୍ୟ କିଛି ସମୟ ବନ୍ଦ ରହିଥିଲା। ତା'ପରେ ମୁଁ ସାଧାରଣ ଅବସ୍ଥାକୁ ଫେରି ଆସି ଶଟ୍ ଦେଇଥିଲି।'



ଦିଶା



ଦୀପକ

# ହିଟ୍‌ଲର

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ହିଟ୍‌ଲର'। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। ''ଆମ ବ୍ୟାନରରେ ସବୁବେଳେ କାହାଣୀ ସହ କଳାକାର ଚୟନକୁ ଗୁରୁତ୍ୱ ଦିଆଯାଏ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ ବୋଲି ଏହାର ପ୍ରଯୋଜକ କହନ୍ତି।'' ଉକ୍ତ ସିନେମାର ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ।

# ସାନ୍ୟା ଯାହା ଖୋଜୁଥିଲେ..

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଯେଉଁଭଳି ଏକ ଭୂମିକା ସେ ଖୋଜି ବୁଲୁଥିଲେ ତାହା କେମିତି ତାଙ୍କୁ ମିଳିଯାଇଛି। କଥା କ'ଣ କି 'ଦଙ୍ଗଲ'ରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିବା ସାନ୍ୟା ମାଲହୋତ୍ରାଙ୍କ ଖୁସି କହିଲେ ନ ସରେ। ନିକଟରେ ସେ ଏକ ସିନେମା ସାଇନ୍ କରିଛନ୍ତି। ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ତାକୁ ବେଶ୍ ଆଗ୍ରହର ସହ ସେ ଶୁଣିଥିଲେ। ଶେଷରେ ଏହି ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମତ ମଧ୍ୟ ଦେଇଥିଲେ। ଏ ସମ୍ପର୍କରେ ସାନ୍ୟା କହନ୍ତି, ''ଏହାର କାହାଣୀରେ ଦମ୍ ରହିଛି। ଏହାକୁ ଶୁଣିବା ସମୟରେ ମୁଁ ସେଥିରେ ବେଶ୍ ମଜ୍ଜିଯାଇଥିଲି। ଏମିତିକି ଶେଷ ପର୍ଯ୍ୟାୟରେ ମୁଁ ଇମୋଶନାଲ ହୋଇପଡିଥିଲି। ମୋ ଆଖି ଛଳ ଛଳ ହୋଇଯାଇଥିଲା। ଏହା ଦେଖି ପ୍ରଯୋଜକ ଟିକେ ବ୍ୟସ୍ତ ହୋଇପଡିଲେ। ହେଲେ କିଛି ସମୟ ପରେ ମୁଁ ନିଜକୁ ସାଧାରଣ ଅବସ୍ଥାକୁ ଆଣିବାରେ ସକ୍ଷମ ହୋଇଥିଲି। ଏହି ଫିଲ୍ମରେ ଜଣେ ଯୁବତୀ ନିଜ ପରିବାର ଚଳାଇବାକୁ କିପରି ସଂଘର୍ଷ କରୁଛି ତାହା ଦର୍ଶକ ଦେଖିବାକୁ ପାଇବେ। ଅନ୍ୟପକ୍ଷରେ ଏହି ଫିଲ୍ମ ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି।' ତେବେ ଫିଲ୍ମଟି ସାନ୍ୟାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।



ଅକ୍ଷୟ କୁମାର

# ରାଜୀବରୁ ଅକ୍ଷୟ

ଅକ୍ଷୟ କୁମାରଙ୍କ ପ୍ରକୃତ ନାମ ଥିଲା ରାଜୀବ ହରି ଓମ୍ ଭାଟିଆ। ପଞ୍ଜାବରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କର ପିଲାଦିନ ଦିଲ୍ଲୀର ଚାନ୍ଦିନୀଚୌକରେ କଟିଥିଲା। ତା'ପରେ ତାଙ୍କ ପରିବାର ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ପାଠପଢ଼ା ଶେଷ କରିଥିଲେ ସେ। ଟାଇକୋଣ୍ଡୋରେ ବ୍ଲାକବେଲ୍ଟ ପାଇଛନ୍ତି ଅକ୍ଷୟ। କେବଳ ସେତିକି ନୁହେଁ, ବ୍ୟାଙ୍କକ୍‌ରେ ସେ ମାର୍ଶଲ ଆର୍ଟ ଟ୍ରେନିଂ ନେଇଛନ୍ତି। ଏହି ସମୟରେ ସେ କିଛି ରୋଜଗାର କରିବାକୁ ଏକ ହୋଟେଲରେ ୱେଟର ଏବଂ ପରେ ସେଫ୍ ଭାବରେ କାମ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସୌଗନ୍ଧ'। ବଲିଉଡ୍‌ର ଖିଲାଡି ମାଷ୍ଟର ଭାବରେ ସେ ପରିଚିତ। ଏବେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପରିଚିତ କରାଇପାରିଛନ୍ତି। ତା'ସହ କେତୋଟି ସିନେମାର ପ୍ରଯୋଜନା ମଧ୍ୟ କରିସାରିଛନ୍ତି। ସେ ସାଇନ୍ କରିଥିବା ସିନେମା କିପରି ଶୀଘ୍ର ଶେଷ ହେବ ସେ ନେଇ ବେଶ୍ ତତ୍ପର ଥାଆନ୍ତି। ଗୋଟିଏ ସିନେମା ଶୁଟିଂ ଶେଷ କରିବାକୁ ସେ ୨-୩ ମାସ ସମୟ ନେଇଥାଆନ୍ତି। ତାଙ୍କର ଆକ୍ଟିଂ କ୍ୟାରିୟରରେ ଏକଦା ଲଗାତାର ୧୬ଟି ଫିଲ୍ମ ଫ୍ଲପ୍ ହୋଇଥିଲା। କିନ୍ତୁ ଏଭଳି ଘଡିସନ୍ଧି ସମୟରେ ସେ ଭାଙ୍ଗି ପଡି ନ ଥିଲେ। ସାହସର ସହ ସମୟକୁ ସାମନା କରି ଆଜି ନିଜକୁ ଜଣେ ଲୋକପ୍ରିୟ ଅଭିନେତା ଭାବରେ ପରିଚିତ କରାଇ ପାରିଛନ୍ତି।



ସାନ୍ୟା

# ଦୃଢ଼ମନା କଙ୍ଗନା


କଙ୍ଗନା ରାଣାଓ୍ୱତଙ୍କର ନିଜ ଉପରେ ଢ଼େର ବିଶ୍ୱାସ ରହିଛି। ଦେଖୁନାହାନ୍ତି, ରିଲିଜ ଅପେକ୍ଷାରେ ଥିବା 'ଇମରଜେନ୍ସି'ର ସଫଳତାକୁ ନେଇ କିପରି ଦୃଢ଼ ଆଶା ପ୍ରକଟ କରିଛନ୍ତି ସେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ସହ ମୁଖ୍ୟ ଭୂମିକାରେ ଅଭିନୟ ମଧ୍ୟ କରିଛନ୍ତି। ଆମ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଶାସନ ସମୟରେ ତଥା ୧୯୭୫ରେ ଜାରି ହୋଇଥିବା ଇମରଜେନ୍ସି ଉପରେ ଏହାର କଥାବସ୍ତୁ ଆଧାରିତ। ଏହି ଫିଲ୍ମ ବିଷୟରେ କଙ୍ଗନା କହନ୍ତି, 'କ୍ରିସ ଜଗରଲାମୁଡିଙ୍କ ସହ ମିଳିତ ଭାବରେ ମୁଁ ପ୍ରଥମ ଥର ପାଇଁ ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନସୀ' ନିର୍ଦ୍ଦେଶନା ଦେଇଥିଲି। ସେଥିରୁ ନିର୍ଦ୍ଦେଶନା ବିଷୟରେ ଅନେକ କିଛି ନୂଆ କଥା ଶିଖିଛି। ଇମରଜେନ୍ସି ମୋର ଦ୍ୱିତୀୟ ନିର୍ଦ୍ଦେଶିତ ଫିଲ୍ମ। ଏଭଳି ଗୁରୁଦାୟିତ୍ୱକୁ ମୁଁ ଠିକ୍ ଭାବରେ ତୁଲାଇବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଏହି ଫିଲ୍ମର କାହାଣୀ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ। ଏହାକୁ କିପରି ଠିକ୍ ଭାବରେ ଉପସ୍ଥାପନା କରାଯାଇପାରିବ ସେ ନେଇ ଧ୍ୟାନ ଦେଇଛି। ମୁଁ ଜାଣିଛି ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ହେଲେ ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି।' ଖାସ୍ କଥା ହେଲା, ଏହି ଫିଲ୍ମର ସହ ପ୍ରଯୋଜନା ମଧ୍ୟ ସେ କରିଛନ୍ତି। ଉକ୍ତ ସିନେମାଟି ଚଳିତ ମାସ ୨୪ରେ ପରଦା ଉପରକୁ ଆସିବ। ଏହି ଚିତ୍ରଟିର ପ୍ରଯୋଜନା କରୁଛନ୍ତି ରେନୁ ପିଟ୍ଟି। ତେବେ କଙ୍ଗନାଙ୍କ ଆଶା କେତେ ପୂରଣ ହେଉଛି ତାହା ଫିଲ୍ମଟି ରିଲିଜ ହେଲେ ଜଣାପଡିବ।



କଙ୍ଗନା

# କହୁ କହୁ କହିଦେଲେ

ତାରା ସୁଟାରିଆ ଜଣଙ୍କ ଅଭିନୟରେ ବହୁତ ପ୍ରଭାବିତ ହୋଇଛନ୍ତି। ପୁଣି ତାଙ୍କୁ ଆଧାର କରି ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ବି ନିଷ୍ପତ୍ତି ନେଇଥିଲେ। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? କରୀନା କପୁର। କଥା କ'ଣ କି ନିକଟରେ ନିଜ ଅଭିନୟ ଜୀବନର ରୋମାଞ୍ଚକର ଘଟଣା ବଖାଣୁ ବଖାଣୁ ତାରା ଏ ବିଷୟରେ ସୂଚନା ଦେଇଛନ୍ତି। ତାରା କହନ୍ତି, ''ମୋର ସବୁଠାରୁ ଫେଭରାଇଟ୍ ଅଭିନେତା ହେଲେ ଅକ୍ଷୟ କୁମାର। ତାଙ୍କ ଅଭିନୀତ ପ୍ରତିଟି ସିନେମା ମୁଁ ଦେଖିଛି। କେବଳ ସେତିକି ନୁହେଁ, କରୀନାଙ୍କ ଅଭିନୟକୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। ତାଙ୍କୁ ହିଁ ଫଲୋ କରି ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି।' ଛୋଟ ପରଦାରେ ତାରା ଜଣେ ଗାୟିକା ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'। ଏହାପରେ ସେ ମାତ୍ର ହାତଗଣତି କେତୋଟି ଫିଲ୍ମରେ ଅଭିନୟ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'ତଡପ', 'ହେରୋପନ୍ଥୀ-୨' ଏବଂ 'ଏକ ଭିଲେନ୍ ରିଟର୍ନସ'। ଅନ୍ୟପକ୍ଷରେ ତାରାଙ୍କ ଅଭିନୀତ 'ଅପୂର୍ବା' ଚଳିତ ମାସ ୧୫ରେ ପରଦା ଉପରକୁ ଆସିବ।



ତାରା

# ଦରମା ଟଙ୍କାକୁ ବୋଉ କାନିରେ ବାନ୍ଧି ଦେଇଥିଲି

**ପ୍ରଥମ ରୋଜଗାର**



କବି ଓ ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ମହାନ୍ତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ସନ୍ଥପଡ଼ା ଗ୍ରାମରେ ଏକ ସାଧାରଣ ପରିବାରରେ। ୨୦୧୦ ଅକ୍ଟୋବରରେ ଓଡ଼ିଶା ପ୍ରାଶାସନିକ ସେବାରେ ଯୋଗଦେଲି। ମୋ ବନ୍ଧୁମାନଙ୍କ ସହ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନରେ ପ୍ରଶିକ୍ଷଣ ନେବା ସମୟରେ ପ୍ରଥମ ମାସର ଦରମା ହିଁ ମୋ ଜୀବନର ପ୍ରଥମ ରୋଜଗାର। ଯାହାକୁ ମୁଁ ମୋ ବୋଉ କାନିରେ ବାନ୍ଧି ଦେଇ ବୋଉର ମୁରୁକି ମୁରୁକି ହସରେ ମୋ ପୁତ୍ରପଣିଆର ସାର୍ଥକତା ଅନୁଭବ କରୁଥିଲି। ଲାଗୁଥିଲା, ତା'ର ନିରିମାଖି ଚାହାଣି ଓ ସ୍ୱପ୍ନନେସା ଆଖିରେ ହିଁ ମୋ ଜୀବନର ତମାମ ହସ ଆଉ ସଫଳତା ସମାନ୍ତରାଳ ଭାବେ ଭାସି ବୁଲୁଥିଲା। ବୋଉ ଘରେ ସମସ୍ତଙ୍କୁ ଡାକି କହିଲା ଯେ, ଦେଖ ଆମ ପୁଅ ତା' ପ୍ରଥମ ମାସର ଦରମା ମୋ କାନିରେ ବାନ୍ଧି ଦେଇଛି। ଆମେ ସେଥିରେ ଆମ ଘରର ମାଟି କାନ୍ଥକୁ ଝାଡ଼ି ଇଟା କାନ୍ଥ କରିଦେବା। ତା' ପରେ ଆମ ପୁଅର ବାହାଘର କରିବା। ସେ ଏତେବଡ଼ ଚାକିରି କରିଛି। ମୋ ବୋହୂ ଆସି କ'ଣ ମାଟିଘରେ ରହିବ। ସେଇ ପଇସାରେ ଗୋଟିଏ ଘର ସିଲିଂ ବି କରିଦେବା। ବୋଉର କଥା ସବୁ ଫଗୁଣର ପହିଲି ପୁଲକ ଓ ବଗିଚାରେ ଫୁଟିଥିବା ପ୍ରଥମ ଫୁଲର ବାସ୍ନା ଭଳି ମୋତେ ଆନମନା କରିବା ସହ ଅନିର୍ବଚନୀୟ ଆନନ୍ଦରେ ଦୀପ୍ତିମାନ କରୁଥିଲା। ସାନବାପା ଓ ଅନ୍ୟମାନେ ହସିବାକୁ ଲାଗିଲେ। ସାନବାପା କହିଲେ ଯେ, ସେ ତା' ପ୍ରଥମ ଦରମା ଆଣି ତୋତେ ଦେଇଛି। ତମେ ଦୁଇଜଣ ସେଥିରେ (ମୋ ବୋଉ ଓ ବାପା) ପାନ ଓ ମିଠା ଖାଇବା ପାଇଁ କିଛି ପଇସା ରଖ। ଆଉ ପୁଅକୁ ଦେଇଦିଅ ସେ ଖର୍ଚ୍ଚ କରିବ। ଶେଷରେ ବୋଉର ଇଚ୍ଛା ହିଁ ରହିଲା ସାନବାପାଙ୍କର ସମ୍ମତି ସହ। କିନ୍ତୁ ମୋ ବୋଉର ଇଚ୍ଛା ଅନୁଯାୟୀ ଘରକାମ କରିବାକୁ ମୋ ପ୍ରଥମ ମାସର ଦରମା ପର୍ଯ୍ୟାପ୍ତ ନ ଥିଲା। ତଥାପି ମୁଁ ବଦ୍ଧପରିକର ଥିଲି କି ଯେତେ ଝଡ଼ ଆଉ ପ୍ରତିବନ୍ଧକ ଆସିଲେ ମଧ୍ୟ ମୋତେ ବୋଉର କଥାକୁ ପ୍ରମାଣିତ କରିବାକୁ ହେବ। ମୁଁ ମୋ ବ୍ୟାଚ୍‌ର ବନ୍ଧୁ ଡାକ୍ତର ବିଶ୍ୱଜିତ ଦାସ ଓ ରଶ୍ମିରେଖା ଦାସଙ୍କଠାରୁ ଆଉ କିଛି ପଇସା ଉଧାର ନେଇ ତା' ପର ସପ୍ତାହରେ ଘରକୁ ଯାଇ ବୋଉକୁ ଦେଲି। ସେଥିରେ ଆମ ଚାଳଘରେ କେବଳ ମାଟି କାନ୍ଥଗୁଡିକୁ ଭଙ୍ଗାଯାଇ ଇଟାଯୋଡି ଦିଆଗଲା। ଇଟାଯୋଡ଼େଇ ପରେ ଘରର ଦାଣ୍ଡ ପଟ କାନ୍ଥ ଓ ଭିତର ପଟ କାନ୍ଥଗୁଡିକୁ ପଲସ୍ତରା କରିଦିଆଗଲା। ଆମ ଘର ମାତ୍ର ୪୮୦ ବର୍ଗଫୁଟ୍‌ର ଥିଲା। ଯେଉଁଠି ମୁଁ ଓ ମୋ ଆଗରେ ଅମାନିଆ ହରିଣ ପରି ସ୍ୱପ୍ନମାନେ ଇତସ୍ତତଃ ଡିଆଁ ମାରି ଦୌଡୁଥିଲେ ସତେ ଯେମିତି ! ତା'ର ୩ ମାସ ପରେ ମୋର ବିବାହ ହୋଇଥିଲା। ମୋ ବୋଉ ମୋତେ ୨୦୨୦ ମସିହାରେ ଛାଡ଼ି ଚାଲିଗଲା ଯେତେବେଳେ ମୁଁ ଭୁବନେଶ୍ୱର ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲି। ମୋ ପ୍ରଥମ ରୋଜଗାରରେ ଇଟାକାନ୍ଥ ଯୋଡ଼ା ଘରଟି ଚଳିତ ବର୍ଷ ଭାଙ୍ଗିଗଲା ଓ ସେହି ଘରଡ଼ିହରେ ନୂଆ ଘରଟିଏ ତିଆରି କରିବାର ଯୋଜନା ରଖିଛୁ। ଏବେ ମୁଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ଯୁଗ୍ମ ଶାସନ ସଚିବ ଭାବେ କାର୍ଯ୍ୟରତ ଓ ଭୁବନେଶ୍ୱରରେ ସରକାରୀ ବାସଭବନରେ ରହୁଛି ଏବଂ ଘରର ଅନ୍ୟ ସଦସ୍ୟମାନେ ମଦନପୁରରେ ବଡ଼ଭାଇଙ୍କ ପାଖରେ ରହୁଛନ୍ତି। ଚାକିରି ବ୍ୟତିତ ମୋର ବାକି ସମୟ କବିତା ଲେଖା ଓ ସାହିତ୍ୟ ଚର୍ଚ୍ଚାରେ କଟେ। ଏବେ ବି ସେ ପ୍ରଥମ ରୋଜଗାରର ସ୍ମୃତି ଓ ବୋଉର ଉତ୍ସୁକ ଓ ଆତ୍ମସନ୍ତୋଷଭରା ଆଖି ମୋତେ ମୋ ଜୀବନର ଲେଖା ସରି ନ ଥିବା କବିତା ପରି ଶିହରିତ କରିବା ସହ ଅନୁପ୍ରାଣିତ କରିଆସିଛି।

# ସ୍ୱପ୍ନ ସୁନ୍ଦରୀର ତେରେଛା ହସ, ହସ ନୁହେଁ ସେ ତ ପ୍ରେମର ଫାଶ

**ପ୍ରଶ୍ନ**–ସେହି ସୁନ୍ଦରୀ ହସ ମୋତେ ମତୁଆଲା କରିଛି। ମୋତେ ଲାଗୁଛି ଯେମିତି ଆମେ ଦୁହେଁ 'ମେଡ୍ ଫର ଇଚ୍ ଅଦର'। ହେଲେ ସେ ମୋ ମନର କଥାକୁ କେମିତି ବୁଝିବ ?

*–ବିଜୟ, ଢେଙ୍କାନାଳ*

**ଉତ୍ତର:** ସେହି ସୁନ୍ଦରୀ ହସକୁ ଆପଣ ପ୍ରଥମେ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ସେଥିରୁ ପ୍ରେମର ଝଲକ୍ ପାଉଛନ୍ତି, ତେବେ ବିଳମ୍ବ କରିବା ଅନାବଶ୍ୟକ। କାରଣ 'ସ୍ୱପ୍ନ ସୁନ୍ଦରୀର ତେରେଛା ହସ, ହସ ନୁହେଁ ସେ ତ ପ୍ରେମର ଫାଶ'। ବାସ୍, ସମୟ ସୁବିଧା ଦେଖି ଯାହାକୁ ମନର ମାନସୀ ବୋଲି ଭାବି ନେଇଛନ୍ତି ତାଙ୍କୁ ନିଜ ମନ କଥା କହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଖୋଜିବା ଚିଜ ମିଳିଗଲା।

**ପ୍ରଶ୍ନ**– ମୁଁ ଏବେ କଲେଜରେ ପଢୁଛି। ମୋ'ଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡି ଆଗକୁ ଗଡିବ ତ ?

*–ଜିତେଶ କୁମାର, ଭୁବନେଶ୍ୱର*

**ଉତ୍ତର:** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ଯେ ସବୁବେଳେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। କେମିତି ତାକୁ ମନର କଥା କହିବି ଜାଣିପାରୁନାହିଁ।

*–ଜି.ପି. ସାହୁ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ଏପରି ସୁଯୋଗ ପାଇବା ପରେ ତାକୁ ୟୁଟିଲାଇଜ ନ କରି ଆପଣ ଡରୁଛନ୍ତି ! ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଅନିକେତ ଦାସ, ବ୍ରହ୍ମପୁର*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମିକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–ସୁଜିତ, ରାଉରକେଲା*

**ଉତ୍ତର:** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।



ସାଥୀ

# ପାଠକଙ୍କ ଭଲପାଇବାରେ ଈଶ୍ୱରୀୟ କୃପା ମିଳୁଛି






ପେସାରେ ସେ ଜଣେ ଶିକ୍ଷାବିତ୍ କିନ୍ତୁ ରୁଚି ତାଙ୍କର ସାହିତ୍ୟ ଓ କଳାସଂସ୍କୃତି। ଏକାଧାରରେ ସେ ଜଣେ ସମାଜସେବୀ, ଚିକିତ୍ସକ, ଗାଳ୍ପିକ ଓ ଗବେଷକ। ଦୀର୍ଘ ୭ଦଶନ୍ଧି ଧରି ତାଙ୍କ ଲେଖନୀ ମୁନରେ ଝରି ଯାଇଛି ବହୁ କାବ୍ୟ କବିତାର ଶବ୍ଦାବଳୀ। ତାଙ୍କ କଲମ ଚାଳନାରେ ସୃଷ୍ଟି ହୋଇଛି ଏକାଧିକ ପୁସ୍ତକ। ବିଶେଷକରି ପ୍ରାକୃତିକ ପରିବେଶ, ପୁରାଣକଥା ଓ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ପର୍କରେ ସେ ରଚନା କରିଛନ୍ତି ଅନେକ ପୁସ୍ତକ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ **ସୁଦାମ ଚରଣ ବେହେରା**। ଜନ୍ମ ତା ୬।୧୧।୧୯୪୨ରିଖ। ପିତା- ମଧୁସୂଦନ ବେହେରା, ମାତା- ଦୋଳି ଦେଈ। ଘର କଟକ ଜିଲାର ୪୨ ମୌଜା ଅଧୀନ ଡିହସରିତୁଆଁ ଗାଁରେ। ସେ କୁହନ୍ତି ପିଲାଦିନେ ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିଲା। ବହୁ କଷ୍ଟରେ ପାଠ ପଢିବାକୁ ଯାଇଥିଲି। କିନ୍ତୁ ଆମ ଗାଁର ପ୍ରାକୃତିକ ପରିବେଶ



ମୋତେ ଜଣେ ସୃଜନଶୀଳତ ମଣିଷ ହେବାରେ ସାହାଯ୍ୟ କଲା। ସ୍କୁଲ ବୟସରୁ ମୋର କବିତା ଲେଖିବା ଆରମ୍ଭ ହୋଇଥିଲା। ସେତେବେଳେ ଯେଉଁଠି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା, ସେଠାରେ ପହଞ୍ଚି ଯାଉଥିଲି, ଏହା ମୋର ନିଶା ହୋଇ ଯାଇଥିଲା। ବିଶେଷକରି ଆମଗାଁ ଏବଂ ଆଖପାଖ ପଡ଼ୋଶୀ ଗାଁରେ ପାଲା ତଥା ବିଭିନ୍ନ ଲୋକକଳା ପରିବେଷଣ ହେଉଥିଲା, ଯାହା ମତେ ଖୁବ୍ ଭଲ ଲାଗୁଥିଲା। ଏବଂ ପରବର୍ତ୍ତୀ ସମୟରେ ଏହା ମତେ ପୁରାଣକଥା ଲେଖିବାକୁ ପ୍ରୋତ୍ସାହିତ କରିଥିଲା। ଗାଁ ନିକଟ ଏକ ଆମ୍ବତୋଟାକୁ ଯାଏ। ସେଠାରେ ମହିମା ଗାଦି ରହିଛି । ସେଠାରେ ବସି ଲେଖାଲେଖି କରେ। ମା' ଭଗବତୀ ଓ ଜଗନ୍ନାଥଙ୍କ କୃପାରୁ ମୋର ଲେଖାଲେଖି ଜାରି ରହିଛି। ସେଥିମଧ୍ୟରୁ ୧୯୬୦ ଦଶକରେ 'ଷଡ଼ରସ ତରଙ୍ଗ', 'ଶ୍ରୀଜଗନ୍ନାଥ ଜଣାଣ', ଆର୍ତ୍ତସ୍ତୁତି, ସ୍ୱପ୍ନ ସୁନ୍ଦରୀ ଓଡ଼ିଶା, 'ଭାବ ତରଙ୍ଗିଣୀ 'ଏବଂ ହୋମିଓପାଥିକ ଚିକିତ୍ସାକୁ ନେଇ ହୋମିଓପାଥିକ ୧ମ ଭାଗ,୨ୟ ଭାଗ ଓ ୩ୟ ଭାଗ ଆଦି ପୁସ୍ତକ ରଚନା କରିଛି। ଏହାପରେ 'ପଦ୍ମାବତୀ', 'କୁଶଭଦ୍ରା', ସ୍ୱର୍ଗଦ୍ୱାର, ମାଟିମା, ମୋ ଗାଁ ମୋ ମା' ଆଦି କାବ୍ୟ ପ୍ରକାଶିତ ହେଲା। ୧୯୭୦ରୁ ୧୯୯୦ ମଧ୍ୟରେ ପ୍ରାୟ ୮ଖଣ୍ଡ କାବ୍ୟ ଲେଖିସାରିଛି। ମୋର ପେସାଗତ ଜୀବନକୁ ଦେଖିଲେ ରେଭେନ୍ସାରେ ଯୁକ୍ତ ୨ ପଢୁଥିବା ବେଳେ ୧୯୬୩ରେ ବେଣ୍ଟକାର ମଧ୍ୟ ଇଂରାଜୀ ସ୍କୁଲରେ ସହକାରୀ ଶିକ୍ଷକଭାବେ ନିଯୁକ୍ତି ପାଇଥିଲି। ସ୍କୁଲରୁ ଫେରିଲା ପରେ ଗାଁରେ ହୋମିଓପାଥିକ ଚିକିତ୍ସା କରୁଥିଲି। ୨୦୦୧ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲି। ସେହି ସମୟରେ ବି ଲେଖାଲେଖି ଚାଲିଥାଏ। ଏବେ ଅବଶ୍ୟ ବୟସ ହେବାରୁ ମୋର ଦେହ ଅସୁସ୍ଥ ହେଲାଣି ତଥାପି ଟିକେ ସୁସ୍ଥ ଅନୁଭବ କଲେ କଲମଟିଏ ଧରି ମନକୁ ଯାହା ଆସେ ତାହା ଲେଖିଥାଏ। ପରେ ସେସବୁ କବିତା ହୋଇଯାଏ। ଏମିତି କାବ୍ୟକବିତା ଲେଖିବାରେ ରାତି ବିତିଯାଏ । ଯେତେ ଅନିଦ୍ରା ହେଲେବି ଦେହକୁ କଷ୍ଟ ଜଣାପଡ଼େ ନାହିଁ। ଏଥିରେ ମାନସିକ ଶାନ୍ତି ମିଳେ। ଏବେ ଅବସର ପରେ ବୟସ ବଢି ଯାଇଥିବାରୁ ଆଗଭଳି ଆଉ ଚିକିତ୍ସା ସେବା କରିପାରୁନାହିଁ କିନ୍ତୁ ବିଭିନ୍ନ ସମୟରେ ମୋ ପାଖକୁ ଆସୁଥିବା ରୋଗୀଙ୍କୁ ଆରୋଗ୍ୟ ନିମନ୍ତେ ପରାମର୍ଶ ଦେଉଛି। ଏଥିରେ ଅନେକ ଲୋକ ଉପକୃତ ହୋଇଛନ୍ତି। ସାହିତ୍ୟ ସାଧନା, ରୋଗୀସେବା ଓ ଶିକ୍ଷାଦାନରେ ମୋତେ ଭିନ୍ନ ପରିଚୟ ମିଳିଛି। ପୁରସ୍କାରଠାରୁ ପାଠକଙ୍କ ଭଲପାଇବାରେ ଈଶ୍ୱରୀୟ କୃପା ମିଳୁଛି।

# ପର୍ବପର୍ବାଣୀରେ ଝୋଟି, ଚିତା ଓ ମୁରୁଜ



ଓଡ଼ିଶାରେ ପାଳନ ହୋଇଥାଏ ବାର ମାସରେ ତେର ପର୍ବ । ତେବେ ବିଭିନ୍ନ ପର୍ବପର୍ବାଣି, ଓଷାବ୍ରତ ଆଦି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ଉତ୍କଳୀୟ ପାରମ୍ପରିକ କଳାର ଝଲକ ଦେଖିବାକୁ ମିଳିଥାଏ। ଯେମିତି ଝୋଟିଚିତା ଓ ମୁରୁଜ। ଏଇ ଯେମିତି କାର୍ତ୍ତିକ ମାସରେ ଓଡ଼ିଆ ଘରର ପ୍ରତ୍ୟେକ ଗୃହିଣୀ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗକରି ତୁଳସୀ ଚଉରାମୂଳେ ଓ ଘରର ପ୍ରବେଶ ଦ୍ୱାରରେ ଝୋଟିଚିତା ପକାଇଥାନ୍ତି। ଏହା ଦେଖିବାକୁ କେବଳ ସୁନ୍ଦର ନୁହେଁ ଆଧ୍ୟାତ୍ମିକ ମାନ୍ୟତା ବି ରହିଛି। ଏ ସମ୍ପର୍କରେ ଆଧ୍ୟାତ୍ମିକ ପ୍ରବକ୍ତା **ଇଂ. ଶ୍ରୀସନ୍ନ୍ୟାସୀ ଜୀ** କୁହନ୍ତି,'ସୂର୍ଯ୍ୟପୂଜା, ବ୍ରହ୍ମାବରଣ ଓ କଳସ ବସେଇବା ବେଳେ ପଞ୍ଚ ମୁରୁଜରେ ଝୋଟିଚିତା ପକାଯାଇଥାଏ। ଯଜ୍ଞାରମ୍ଭ ପୂର୍ବରୁ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ରେଖାଙ୍କିତ ଚିତ୍ର କରାଯାଇ ପଞ୍ଚମୁରୁଜରେ ଝୋଟିଚିତା ପକାଯାଇଥାଏ। ଏହି ରେଖାଙ୍କିତ ଚିତ୍ର ସହିତ ମଣିଷ ଭିତରେ ଥିବା ଷଡ଼ଚକ୍ରର ସମ୍ବନ୍ଧ ରହିଛି। ଫଳରେ ଝୋଟି ଚିତାକୁ ଦେଖିଲେ ମନରେ ଏକ ସକାରାତ୍ମକ ତରଙ୍ଗ ସୃଷ୍ଟି ହୋଇଥାଏ। '





ଶିବାନୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଭାସ୍କୋଡାଗାମା


ଶିକ୍ଷକ ପିଲାଙ୍କୁ: ଭାସ୍କୋଡାଗାମା ଭାରତକୁ କେବେ ଆସିଥିଲେ ?
ଗୋପି: ସାର୍‌, ଶୀତଦିନେ।
ଶିକ୍ଷକ ରାଗିକି: ପାଗଳ ହେଇଗଲୁଣି ନା କ'ଣ ? ତତେ କିଏ କହିଲା ?
ଗୋପି: ସାର୍‌, ମୁଁ ବହିରେ ଫଟୋ ଦେଖିଛି। ଭାସ୍କୋଡାଗାମା କୋଟ୍‌ ପିନ୍ଧିଥିଲେ।

### ବଞ୍ଚାଇବ

ପପୁ ଭୋଲୁକୁ: କାଲି ସର୍କସ ଦେଖିବାକୁ ଯିବା ?
ଭୋଲୁ: ହଉ। ମୁଁ ମୋ ସ୍ତ୍ରୀ ଓ ଶାଳୀକୁ ବି ନେଇକି ଯିବି।
ପପୁ: ଆଚ୍ଛା, ଯଦି ତୋ ସ୍ତ୍ରୀ ଓ ଶାଳୀ ବାଘର ପିଞ୍ଜରା ଭିତରେ ପଡ଼ିଯିବେ ତେବେ ତୁ ପ୍ରଥମେ କାହାକୁ ବଞ୍ଚେଇବୁ ?
ଭୋଲୁ: ଭାଇ, ମୁଁ ତ ବାଘକୁ ବଞ୍ଚେଇବି। କାହିଁକି ନା ଏମାନଙ୍କ ସଂଖ୍ୟା ବହୁତ କମ୍‌।

### ଗୋଆ

ମନୁଆ ମନ ଦୁଃଖରେ ବସିଥାଏ। ଏହା ଦେଖି ରାଜେଶ: କ'ଣ ହେଇଛି କିରେ ମନୁଆ ? ଏମିତି ମନ ଦୁଃଖ କାହିଁକି କରିଛୁ ?
ମନୁଆ:କ'ଣ କହିବି ଭାଇ। କାଲି ଗୋଟେ ନ୍ୟୁଜ୍‌ ଚ୍ୟାନେଲର ଆଙ୍କର କହିଲା-ଚାଲନ୍ତୁ ଆପଣଙ୍କୁ ଗୋଆ ବୁଲେଇ ଆଣିବି। ମୁଁ ବ୍ୟାଗ ପ୍ୟାକ୍‌ କରି କେତେବେଳୁ ରେଡି ହେଇକି ଅଛି। ହେଲେ ଏଯାଏ କେହି ବି ନେବାକୁ ଆସି ନାହାନ୍ତି।












# ମୁକ୍ତେଶ୍ୱର ଧାମ

**ଦେବ ଦେବ ମହାଦେବଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ହେଉଛି ମୁକ୍ତେଶ୍ୱର ଧାମ; ଯାହା ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଅବସ୍ଥିତ। ଭଗବାନଙ୍କ ଆଶୀର୍ବାଦ ସାଙ୍ଗକୁ ଅନେକ ଦୁଃସାହସିକ କ୍ରୀଡ଼ାର ମଜା ନେବାକୁ ଏଠାରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳେ...**

ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି ମୁକ୍ତେଶ୍ୱର। ଏଠାରେ ଦେବ ଦେବ ମହାଦେବଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ରହିଛି ; ଯାହା ମୁକ୍ତେଶ୍ୱର ଧାମ ଭାବେ ବେଶ୍ ପରିଚିତ। ଏହି ମନ୍ଦିରଟି ସ୍ଥାନୀୟ ଏକ ପାହାଡ଼ ଉପରେ ନିର୍ମିତ ; ସମୁଦ୍ରପତ୍ତନରୁ ଯାହାର ଉଚ୍ଚତା ପ୍ରାୟ ୨୩୧୨ ମିଟର ପାଖାପାଖି ହେବ। ଏତେ ଉଚ୍ଚତାରେ ମନ୍ଦିରଟି ଥିବାରୁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ପାହାଡର ଚତୁଃପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ଭଲ ଭାବେ ଉପଭୋଗ କରିଥାନ୍ତି।

### ମନ୍ଦିରର ଇତିହାସ

ପୌରାଣିକ କଥା ଅନୁଯାୟୀ, ଏକଦା ଦେବ ଦେବ ମହାଦେବ ଏବଂ ଏକ ରାକ୍ଷସ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ରାକ୍ଷସ ପରାସ୍ତ ହୋଇ ମୁକ୍ତି ପାଇବା ପାଇଁ ଭଗବାନଙ୍କର ଶରଣ ପଶିବାରୁ, ଭଗବାନ ତାକୁ ଏହି ସ୍ଥାନରେ ମୁକ୍ତି ପ୍ରଦାନ କରିଥିଲେ। ସେଥିପାଇଁ ଏହି ସ୍ଥାନର ମହତ୍ତ୍ୱକୁ ବୁଝି ପରବର୍ତ୍ତୀ ସମୟରେ ଏଠାରେ ଭଗବାନ ଶିବଙ୍କୁ ସମର୍ପିତ ଏକ ମନ୍ଦିର ନିର୍ମାଣ କରାଯାଇ ତାହାର ନାମ ମୁକ୍ତେଶ୍ୱର ଧାମ ରଖାଗଲା। ତେବେ ଇତିହାସ ପୃଷ୍ଠାରୁ ଯାହା ଜଣାଯାଏ, ଏହି ମନ୍ଦିରଟି ପାଖାପାଖି ୩୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହେବ। ସେବେଠାରୁ ଆଜିଯାଏଁ, ଭକ୍ତଗଣ ପ୍ରଭୁକୃପା ସହ ମୋକ୍ଷ ପାଇବା ପାଇଁ ଏଠାକୁ ଆସି ମୁକ୍ତେଶ୍ୱର ମହାଦେବଙ୍କର ଦର୍ଶନ କରିଥାନ୍ତି।

### ମନ୍ଦିରର ମହତ୍ତ୍ୱ

ଏହି ମନ୍ଦିରରେ ଧଳା ମାର୍ବଲର ଏକ ଶିବଲିଙ୍ଗକୁ ମୁକ୍ତେଶ୍ୱର ମହାଦେବ ଭାବେ ପୂଜା କରାଯାଇଥାଏ। ତା'ସହିତ ପାର୍ଶ୍ୱ ଦେବଦେବୀ ଭାବେ ଏଠାରେ ଭଗବାନ ଗଣେଶ, ବ୍ରହ୍ମା, ବିଷ୍ଣୁ, ମାତା ପାର୍ବତୀ, ହନୁମାନ ତଥା ନନ୍ଦୀ ସମେତ ଆହୁରି ଅନେକ ଦେବଦେବୀଙ୍କର ପ୍ରତୀମାଙ୍କୁ ମଧ୍ୟ ଉପାସନା କରାଯାଇଥାଏ। କୁହାଯାଏ, ଏଠାରେ ଯେଉଁ ଭକ୍ତ ନିଷ୍ଠାର ସହ ଆସି ଭଗବାନଙ୍କୁ ଉପାସନା କରିଥାନ୍ତି, ତାଙ୍କର ସବୁ ମନସ୍କାମନା ପୂରଣ ହୋଇଯାଏ। ଏପରି କି ନିଃସନ୍ତାନ ଦମ୍ପତି ବି ଯଦି ଏଠାକୁ ଆସି ପ୍ରଭୁଙ୍କ ପାଖେ ମାଟି ଦୀପଟିଏ ଜଳାଇ ନିଷ୍ଠାର ସହିତ ମାନସିକ ରଖିଥାନ୍ତି, ତା'ହେଲେ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ତେବେ ଏହି ମନ୍ଦିର ନିକଟକୁ ଯିବା ପାଇଁ ଭକ୍ତଗଣଙ୍କୁ ପାହାଡ଼କୁ କାଟି ତିଆରି ହୋଇଥିବା ସ୍ୱତନ୍ତ୍ର ଶିଡ଼ି ମାର୍ଗ ଦେଇ ଯିବାକୁ ହୋଇଥାଏ। କେହି କେହି ତ ଟ୍ରେକିଂ ପାଇଁ ଏଠାକୁ ଯାଇଥାନ୍ତି। ସେଥିପାଇଁ ପ୍ରକୃତିପ୍ରେମୀ ହୁଅନ୍ତୁ ଅବା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ସକାଶେ ଏହା ଏକ ଉପଯୁକ୍ତ ସ୍ଥାନ କହିଲେ ଭୁଲ୍ ହେବ ନାହିଁ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ଏପ୍ରିଲ୍ ହେଉଛି ମୁକ୍ତେଶ୍ୱର ଧାମ୍‌କୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିବା ସହ ଅନେକ ଉତ୍ସବ ଆଦିର ଆୟୋଜନ କରାଯାଇଥାଏ ; ଯାହାର ଭରପୂର ମଜା ପର୍ଯ୍ୟଟକ ଉଠାଇପାରିବେ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ପନ୍ତନଗର ବିମାନବନ୍ଦର ହେଉଛି ମୁକ୍ତେଶ୍ୱର ଧାମର ନିକଟବର୍ତ୍ତୀ ବିମାନବନ୍ଦର, ଯେଉଁଠାରୁ ଟ୍ୟାକ୍ସି ସାହାଯ୍ୟରେ ପ୍ରଥମେ ନୈନିତାଲ୍ ଯାଇ ସେଠାରୁ ଆଉ ଏକ ଟ୍ୟାକ୍ସି କରି ମୁକ୍ତେଶ୍ୱର ଧାମକୁ ଯିବାକୁ ହୋଇଥାଏ। ଅନ୍ୟପକ୍ଷେ କାଠଗୋଦାମ ରେଲୱେ ଷ୍ଟେଶନ ହେଉଛି ଏହି ଧାମର ନିକଟବର୍ତ୍ତୀ ରେଳଷ୍ଟେଶନ ; ଯେଉଁଠାରୁ ସିଧାସଳଖ ମୁକ୍ତେଶ୍ୱର ଧାମ ନିକଟକୁ ଯିବାପାଇଁ ଭଡ଼ାରେ ଟ୍ୟାକ୍ସି ଓ ବସ୍‌ର ସୁବିଧା ରହିଛି। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ନିଜସ୍ୱ ଗାଡ଼ିରେ ମଧ୍ୟ ଏଠାକୁ ବୁଲିଯାଇପାରିବେ।

### ଜାଣିବା କଥା

* ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପାଇଁ ଏଠାରେ କୌଣସି ଶୁଳ୍କ ପଡେନାହିଁ।
* ଭକ୍ତଙ୍କ ଦର୍ଶନ ନିମନ୍ତେ ପ୍ରତିଦିନ ଭୋର୍ ୫ଟାରୁ ସନ୍ଧ୍ୟା ୭.୩୦ ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥାଏ।
* ପ୍ରଭୁଙ୍କ ଦର୍ଶନ ସହିତ ଆଗନ୍ତୁକ ଏଠାରେ ଫଟୋଗ୍ରାଫି, ଟ୍ରେକିଂ, ରକ୍ କ୍ଲାଇମ୍ବିଂ, ରାପେଲିଂ, ହାଇକିଂ ଆଦିର ସୁବିଧା ମଧ୍ୟ ନେଇପାରିବେ।








# ହାଇ ଆସେ କାହିଁକି

**ଆପଣ ନଜର କରିଥିବେ ଯଦି ପାଖରେ ଥିବା ବ୍ୟକ୍ତି ହାଇ ମାରନ୍ତି ତେବେ ଆପଣଙ୍କୁ ବି ହାଇ ଆସେ। ତେବେ ଏହା କ'ଣ କେବଳ ଏଥିପାଇଁ ହୁଏ ଯେ, ଆମେ ବୋର୍ ହେଇଥାଉ। ଅବା ଏହା ପଛରେ ଆଉ କିଛି କାରଣ ରହିଛି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହାର କନେକ୍ସନ କେବଳ ନିଦ ସହ ଅବା ବୋରିଂନେସ୍ ସହ ନାହିଁ ବରଂ ଏହା ପଛରେ ଆହୁରି ଅନେକ ରୋଚକ କାରଣ ରହିଛି...**







ଚିକିତ୍ସା ବିଜ୍ଞାନର ଜନକ ହିପୋକ୍ରେଟ୍ସ କହିଛନ୍ତି, ଫୁସ୍‌ଫୁସ୍‌ରୁ ଦୁଷିତ ବାୟୁ ବାହାର କରିବାର ଏକ ମାଧ୍ୟମ ହେଉଛି ହାଇ। ଅର୍ଥାତ୍ ଆମ ଶ୍ୱସନ ପ୍ରଣାଳୀର ଏକ କାର୍ଯ୍ୟ ହେଉଛି ହାଇ। ଗବେଷଣା କହେ, ରକ୍ତରେ ଯେବେ ଅମ୍ଳଜାନର ଆବଶ୍ୟକତା ହୁଏ ସେବେ ହାଇ ହୁଏ। ହାଇ ମାରିବା ଦ୍ୱାରା ଅଧିକ ମାତ୍ରାରେ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରେ ଓ ହୃଦସ୍ପନ୍ଦନ ବଢେ। ଯଦ୍ୱାରା ଅଧିକ ଅମ୍ଳଜାନ ଶରୀର ଭିତରକୁ ପମ୍ପ ହୋଇଥାଏ। ତେଣୁ ଏହା କୁହାଯାଇପାରେ ଯେ, ରକ୍ତରୁ ଟକ୍ସିନ୍‌କୁ କ୍ଲିୟର୍ କରିବା ଓ ଅମ୍ଳଜାନ ପ୍ରଦାନ କରିବା ପାଇଁ ହାଇ ହୋଇଥାଏ। ତେବେ ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ତଥ୍ୟ କହେ, ହାଇର କନେକ୍ସନ ଆମ ମସ୍ତିଷ୍କ ସହ ରହିଛି। କାମ କରୁଥିବା ସମୟରେ ତାତି ଯାଇଥିବା ମସ୍ତିଷ୍କକୁ ଥଣ୍ଡା କରିବା ଲାଗି ହାଇ ଆସିଥାଏ। ଏହାଦ୍ୱାରା ଶରୀରର ତାପମାତ୍ରା ନିୟନ୍ତ୍ରିତ ହୋଇଥାଏ। ଶୀତଦିନେ ଅମ୍ଳଜାନର ଆବଶ୍ୟକତା ଅଧିକ ଥାଏ ତେଣୁ ଅଧିକ ହାଇ ଆସେ।

୨୦୦୪ ମସିହାରେ ମ୍ୟୁନିଖର ସାଇକିୟାଟ୍ରିକ ୟୁନିଭର୍ସିଟି ହସ୍ପିଟାଲର ରିସର୍ଚ୍ଚ କହେ, ହାଇ ସଂକ୍ରମଣ ବଢାଇଥାଏ। ପ୍ରାୟ ୩୦୦ ଲୋକଙ୍କ ଉପରେ କରାଯାଇଥିବା ଗବେଷଣାରେ ୫୦ ପ୍ରତିଶତ ଲୋକ ଏମିତି ଥିଲେ ଯେଉଁମାନେକି ଅନ୍ୟକୁ ଦେଖି ହାଇ ମାରୁଥିଲେ। ବୈଜ୍ଞାନିକଙ୍କ ମତରେ ଯେବେ ମଣିଷ କାହାକୁ ହାଇ ମାରୁଥିବା ଦେଖେ ତେବେ ତାହାର 'ମିରର ନ୍ୟୁରୋନ ସିଷ୍ଟମ' ଆକକ୍ଟିଭେଟ୍ ହୋଇଯାଏ। ଆଉ ତାହା ନକଲ କରିବାକୁ ଉକ୍‌ସାଇଥାଏ। ଏହି କାରଣରୁ ହିଁ ଜଣକୁ ଦେଖିଲେ ଅନ୍ୟ ଜଣେ ହାଇ ମାରିଥାନ୍ତି। ଏହାବାଦ ନିକଟରେ ହୋଇଥିବା ଏକ ଗବେଷଣା କହେ ଯେଉଁ ଲୋକଙ୍କ ମସ୍ତିଷ୍କ ଅଧିକ କାମ କରେ ତାଙ୍କର ହାଇ ଅଧିକ ଲମ୍ୱା ହୋଇଥାଏ। ଯଦ୍ୱାରା ମସ୍ତିଷ୍କ ଥଣ୍ଡା ହୋଇଥାଏ। ପ୍ରଫେସର ଆଣ୍ଡ୍ର୍ୟୁ ସି. ଗ୍ୟାଲପ୍‌ଙ୍କ ତାଜା ଗବେଷଣା 'ଆନିମଲ ବିହେଭିୟର' ନାମକ ଜର୍ନାଲରେ ପ୍ରକାଶିତ ହୋଇଥିଲା। ଏହି ଗବେଷଣାରେ ଗ୍ୟାଲପ୍ କହିଛନ୍ତି, ଜଣକୁ ଦେଖି ଅନ୍ୟଜଣଙ୍କୁ ସେତେବେଳେ ହାଇ ଆସେ ଯେବେ ଏକ ଗ୍ରୁପ୍‌ର ସମସ୍ତେ ପରସ୍ପରକୁ ଭଲଭାବେ ଜାଣନ୍ତି। ୨୦୨୦ରେ ହୋଇଥିବା ଏକ ଗବେଷଣାରେ ବି ଦେଖା ଯାଇଥିଲା ଯେ, ହାତୀ ସହ ରହୁଥିବା ମାହୁନ୍ତ ଯେତେବେଳେ ହାଇ ମାରୁଥିଲା ହାତୀ ବି ହାଇ ମାରିଥିଲା। କାରଣ ଦୁହେଁ ପରସ୍ପର ସହ ସାମାଜିକଭାବେ ଜଡ଼ିତ। ଏହି ପ୍ରକ୍ରିୟା ଶୈଶବକାଳରୁ ଆରମ୍ଭ ହୋଇଥାଏ ଯେବେଠୁ ପିଲାଙ୍କ ମସ୍ତିଷ୍କ ସକ୍ରିୟ ହୋଇଥାଏ।



# ମୋଟା ବେକ





ରୁବିଏଲ ମସ୍କେରା ଜଣେ ବଡ଼ି ବିଲ୍ଡର। ତାଙ୍କର ବଳିଷ୍ଠ ଶରୀର ତ ସମସ୍ତଙ୍କୁ ଆକୃଷ୍ଟ କରେ। ତେବେ ତାଙ୍କ ଶରୀରର ଆଉ ଏକ ଅଂଶ ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ତାହା ହେଉଛି ତାଙ୍କ ବେକ। ତାଙ୍କ ବେକ ଏତେ ମସ୍କୁଲାର ଓ ମୋଟା ଯେ ତାଙ୍କୁ ସମସ୍ତେ 'ନେକ୍‌ଜିଲ୍ଲା' ବୋଲି ଡାକନ୍ତି। ତାଙ୍କ ବେକର ଗୋଲେଇ ୨୦ ଇଞ୍ଚ। ବଡି ବିଲ୍ଡିଂ ଜଗତରେ ତାଙ୍କ ବେକ ସବୁଠାରୁ ମୋଟା। ସମସ୍ତେ ଭାବନ୍ତି ରୁବିଏଲ ବେକ ପାଇଁ ସ୍ୱତନ୍ତ୍ର ବ୍ୟାୟାମ କରୁଥିବେ। କିନ୍ତୁ ସେମିତି କିଛି ନୁହେଁ ବୋଲି ରୁବିଏଲ କହନ୍ତି। ସେ ନିଜ ଶରୀରର ସବୁ ଅଂଶର ମାଂସପେଶୀ ପାଇଁ ସମାନଭାବେ ବ୍ୟାୟାମ କରନ୍ତି। ଆଉ ଅନ୍ୟ ବଡ଼ି ବିଲ୍ଡର ଯେତିକି ବ୍ୟାୟାମ କରନ୍ତି ସେ ବି ସେତିକି କରନ୍ତି। ତଥାପି ତାଙ୍କ ବେକ ଏଭଳି ଭାବେ ମସ୍କୁଲାର ଓ ମୋଟା ହେଇଯାଇଛି। ସେ ନିଜ ବେକକୁ ନିଜର ସମ୍ପତି ଭାବନ୍ତି। ଆଉ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ନିଜ ବେକର ଭିଡ଼ିଓ ବେଶି ଅପଲୋଡ କରନ୍ତି।

# ତେଲମରା ଉପାଖ୍ୟାନ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

**ତେ**ଲମରା ଅର୍ଥାତ୍ ଚାମଚାଗିରି ବଡ଼ ବିଚିତ୍ର କିସମର ବେମାର। ଏହି ଦୁରାରୋଗ୍ୟ ବେମାରରେ ଅଳ୍ପ ଅଧିକେ ସମସ୍ତେ ଆକ୍ରାନ୍ତ। ରୋଗ କ୍ରନିକ ହେଲେ ଆରୋଗ୍ୟ ହେବାଟା ମୁସ୍କିଲ। ଏମାନେ ନିଜ ମହାନ୍ ଭ୍ରମର ଦୁର୍ଲଭ ଉପଲବ୍ଧି ପାଇଁ ଏକ ବିଶେଷ ପ୍ରକାରର ମଞ୍ଜିରୁ ପ୍ରସ୍ତୁତ ତେଲକୁ ବ୍ୟବହାର କରନ୍ତି। ଏ ତେଲର ଚିକ୍କଣ ଗୁଣ ଏତେ ଅଧିକ ଯେ ବୁନ୍ଦାଏ ତେଲ ସମ୍ପୂର୍ଣ୍ଣ ଶରୀରକୁ ତୈଳାକ୍ତ କରିବା ସହ ଆଖପାଖରେ ଦେଖୁଥିବା ଶୁଣୁଥିବା ଲୋକର ମନକୁ ଚିକିଟା କରିଦିଏ ।


ଚାମଚାଗିରି ହେଉଛି ଏକ ବିଶେଷ କଳା। ଏଥିରେ ପାରଦର୍ଶିତା ପାଇଁ ସେମିତି ବେଶି ପ୍ରଶିକ୍ଷଣ ଦରକାର ନାହିଁ। ସରଳ ପ୍ରୟାସରୁ ଧୀରେ ଧୀରେ ଏକ ସ୍ୱତନ୍ତ୍ର ସ୍ଥିତିକୁ ଉନ୍ନୀତ ହୋଇ ଜଣେ ନିଜକୁ ସର୍ବଶ୍ରେଷ୍ଠ ଚାମଚା ଭାବରେ ପ୍ରତିଷ୍ଠିତ କରିପାରେ। ଆଗ୍ରହ ଓ ଅଭ୍ୟାସ ରଖି ଭେଜାକୁ ପ୍ରସ୍ତୁତ ରଖିବା ଦରକାର। ଯେପରି ତୁମେ ନିଜ ଭିତରେ ଗଧକୁ ଏକ ବୁଦ୍ଧିମାନ ପ୍ରାଣୀ ବୋଲି କହିବାର କ୍ଷମତା, ଗୋରୁକୁ ଗୁରୁ,ଗୁରୁକୁ ମହାଗୁରୁ, ମହାଗୁରୁକୁ ବିଶ୍ୱଗୁରୁ ବୋଲି ପ୍ରମାଣ କରେଇବାର ସ୍ୱତନ୍ତ୍ର ଦକ୍ଷତା ବୃଦ୍ଧି କରିବାକୁ ହେବ ।

ଶାସ୍ତ୍ର କହୁଛି 'ମୁଣ୍ଡେ ମୁଣ୍ଡେ ମତି ଭିନ୍ନା, ତୁଣ୍ଡେ ତୁଣ୍ଡେ ସରସ୍ୱତୀ ।' ସେହିପରି ଚାମଚାମାନଙ୍କ ଭିତରେ ଅନେକ ବିବିଧତା ଦେଖିବାକୁ ମିଳେ । ନିଜ ନିଜ ଶୈଳୀରେ ତେଲ ମାରିବାରେ ଭିନ୍ନତା ଓ ଲୋକ ଦେଖି ତେଲର ଭାଗମାପରେ ପରିବର୍ତ୍ତନ କରିପାରିବାର ସ୍ୱତନ୍ତ୍ର କଳା ଏମାନଙ୍କୁ ଜଣା ।

ଆମ ମହାନ୍ ଗ୍ରନ୍ଥମାନଙ୍କରେ ମାନବୀୟ ଗୁଣକୁ ନେଇ ଅନେକ ବ୍ୟାଖ୍ୟା କରାଯାଇଛି । କିନ୍ତୁ ଯେଉଁ ସର୍ବକାଳୀନ ମହାନ୍ ଗୁଣ ବିଷୟରେ ଉହ୍ୟ ରଖାଯାଇଛି ତାହାହେଲା ତେଲମରା ଗୁଣ । ଏହି ଗୁଣଧାରୀ ଲୋକର ସାନ୍ନିଧ ମିଳିଲେ ମନକୁ ସନ୍ତୋଷ ମିଳିବା ସହ ଜୀବନ ଆନନ୍ଦମୟ ହୋଇ ଉଠେ। ଏମାନଙ୍କ କଣ୍ଠରେ ସରସ୍ୱତୀ ବିରାଜିଥାନ୍ତି। ହୀନମନ୍ୟତାର ଦୁଃଖକୁ ଲାଘବ କରି ମଣିଷ ଭିତରେ ଦେବତା ହୋଇଯିବାର ଭାବ କେବଳ ଏହି ଗୁଣଧାରୀ ଲୋକ ଦେଇପାରନ୍ତି ।

ସାହିତ୍ୟିକ ଜଗତରେ ଦୃଶ୍ୟମାନ ହେଉଥିବା ଚାମଚାମାନେ ଟିକେ ଭିନ୍ନ କାଟରର । ଏମାନଙ୍କ ସମ୍ବୋଧନରେ (ସମ୍ଭାଷଣ ?) ପ୍ରିୟ କବି, ପ୍ରିୟ ଲେଖକ, ପ୍ରିୟ ପ୍ରାବନ୍ଧିକ, ପ୍ରିୟ ବ୍ୟକ୍ତିତ୍ୱ ଆଦି ବ୍ୟବହୃତ ହୁଏ । ଏହି ଛୋଟ ଓ ସରଳ ମନେହେଉଥିବା ବାକ୍ୟରେ ତେଲମରା ଯୁଗର ସବୁ ଭେରାଇଟିର ତୈଳ ଦେଖିବାକୁ ମିଳେ । ଥରେ ଗୋଟେ ସାହିତ୍ୟ ସଭାରେ ଜଣେ ପ୍ରାପ୍ତ ବୟସ୍କ କବୟିତ୍ରୀଙ୍କୁ ଭେଟିଲି । ସେ ବୁଲି ବୁଲି ସଭାରେ ଉପସ୍ଥିତ ଅନ୍ୟ ବୟସ୍କ ଲେଖକମାନଙ୍କୁ କାହାକୁ ପ୍ରିୟ କବି ତ କାହାକୁ ପ୍ରିୟ ଗାଳ୍ପିକ ବୋଲି ସମ୍ବୋଧନ କରି ସେଲ୍ଫି ନେଉଥାନ୍ତି । ମୋର ସବୁଠୁ ପ୍ରିୟ ସଭାପର ଭୋଜନ କାର୍ଯ୍ୟକ୍ରମ ପାଇଁ ଅପେକ୍ଷାରତ ଥିଲା ବେଳେ ମୋ ପାଖକୁ ଆସି କହିଲେ, ଆପଣ ମୋର ପ୍ରିୟ ବ୍ୟଙ୍ଗକାର । ଆପଣଙ୍କୁ ପଢି ପଢି ବଡ଼ ହୋଇଛି । ତାଙ୍କ କଥା ଶୁଣି ମୁଁ ଥରେ ନିଜକୁ ଓ ଥରେ ତାଙ୍କୁ ଦେଖିଲି । ମୋର ବୟସ କମ୍ ନୁହେଁ କିନ୍ତୁ ଏତେ ଅଧିକ ବି ନୁହଁ । ଏମିତିରେ ମୋ ଲେଖକୀୟ ଇତିହାସ ସେମିତି ବେଶି ଲମ୍ବା ମଧ୍ୟ ନୁହେଁ । କିଛି ଭୁଲ୍ ଶୁଣିଲି ଭାବି ତାଙ୍କୁ କହିଲି, ଆପଣ ବୋଧେ ମୋତେ ଦେଖି ଦେଖି ବଡ଼ ହୋଇଛନ୍ତି ବୋଲି କହିବାକୁ ଚାହୁଁଛନ୍ତି । ମୋ କଥା ଶୁଣି କବୟିତ୍ରୀ ଜଣକ ସାମାନ୍ୟ ଲାଜେଇ କହିଲେ, ନା ନା ଆପଣଙ୍କୁ ପଢ଼ିବା କଥା କହୁଥିଲି । ମୁଁ ଶୂନ୍ୟକୁ ଅନେଇ ମନେ ମନେ ଭଗବାନଙ୍କୁ କହିଲି, ହେ ଲୀଳାଧାରୀ ଏ କି ଅପୂର୍ବ ଲୀଳା ତୁମର । ଜଣେ ମୋତେ ପଢି ପଢି ବଡ଼ ହେଇଗଲାଣି ଅଥଚ ମୁଁ ଲେଖି ଲେଖି ବଡ଼ ହେବା ଦୂରେ ଥାଉ ଏଯାଏ ସାମାନ୍ୟ ଲେଖକର ପରିଚୟ ଟିକକ ବି ମିଳିଲା ନାହିଁ । ଏମାନଙ୍କୁ ଦୋଷ ଦେଇ ଲାଭ କିଛି ନାହିଁ !

ଆମ ସାହିତ୍ୟର ଇତିହାସ କହୁଛି ଅନେକ ଆଦ୍ୟ ସ୍ମରଣୀୟ ଲେଖକ ଚାମଚାଗିରି କରିବାକୁ ବାଧ ହେଉଥିଲେ । ରାଜାଙ୍କ ଦରବାରରେ ରାଜାଙ୍କ ସ୍ତୁତି ଗାନ କରିବାକୁ ଏହିମାନଙ୍କୁ ଭାଟ ଭାବେ ନିଯୁକ୍ତି ମିଳୁଥିଲା । ରାଜାଙ୍କ ସବୁ କାମକୁ ମହିମାମଣ୍ଡିତ କରି ଗୀତ ରଚନା କରି ରାଜାଙ୍କ ଠାରୁ ପଦ ପଦବୀ ଓ ଆର୍ଥିକ ପୁରସ୍କାର ପାଉଥିଲେ। ଇଂରେଜମାନଙ୍କୁ ତେଲମାରି ଅନେକ ଚାମଚା ଭୂସମ୍ପତ୍ତି ସହ କିଛି ବିଶେଷ ଉପାଧି ପାଇଥିବା ନଜିର



ଅଛି । ତେଣୁ ଆଜି ଯଦି କେଉଁ ଚାଟୁକାରକୁ କୌଣସି ସାହିତ୍ୟିକଙ୍କୁ ଅହେତୁକ ତେଲ ମାରିବା ଦେଖେ ସେତେବେଳେ ମୁଁ ଜାଣିନିଏ ଏ ଲେଖକ ଅତିଶୀଘ୍ର ପ୍ରସିଦ୍ଧି ପାଇବା ପାଇଁ ଠିକ ରାସ୍ତାରେ ଆଗଉଛି ।

ଚାମଚା ଏମିତି ଏକ ପ୍ରାଣୀ ଯାହାଙ୍କୁ ସମସ୍ତେ ଭଲ ପାଆନ୍ତି । ସମସ୍ତେ ଚାହାନ୍ତି ତାଙ୍କ ଆଖ ପାଖରେ ଗୁଡ଼ାଏ ଚାମଚା ତାଙ୍କୁ ଘେରି ରହିଥାନ୍ତୁ। ସତରେ ଚାମଚାବିହୀନ ଜୀବନ ଭାରି ନିରସିଆ ଜୀବନ । ନିଜର ବାହାବା ଶୁଣିବାକୁ କାହାକୁ ବା ଭଲ ନ ଲାଗେ ! ତାରିଫ କରୁଥିବା ଲୋକ ମିଛ କହିବ କାହିଁ ଭାବି ତେଲ ଘଷି ହେଉଥିବା ଲୋକଟି ଭିତରେ ଭିତରେ କୁରୁଳୁଥାଏ । ଧର୍ମଗ୍ରନ୍ଥମାନ ଦେଖିଲେ ଜାଣିବେ କେବଳ ମାନବ ନୁହନ୍ତି ଖୋଦ ଈଶ୍ୱରଙ୍କ ଚାରିପାଖରେ ଅନେକ ଚାମଚା ଦେବତା ରହୁଥିଲେ । ସେମାନେ ପ୍ରଭୁଙ୍କ ମହିମା ଗାନ କରି ପ୍ରତିବଦଳରେ ପ୍ରଭୁଙ୍କଠାରୁ ବର ମାଗିନେଉଥିଲେ । ପ୍ରଭୁଙ୍କ ଯାବତୀୟ ନୀତି ଅନୀତି କାମକୁ ଉଚିତ ବୋଲି ଯୁକ୍ତିଦ୍ୱାରା ବୁଝେଇବା ଏମାନଙ୍କ କାମ । ସବୁ ଓଷା ବ୍ରତ କଥା ଦେଖିଲେ ଜାଣିହେବ ମହିମା ପ୍ରଚାର ହେଲେ ସବୁ ଠାକୁର ଠାକୁରାଣୀ କେତେ ଖୁସି ହୁଅନ୍ତି । ଭକ୍ତ ନିଜ ମନ ଅନୁଯାୟୀ ବରପ୍ରାପ୍ତ ହୁଏ ।

ଆଉକିଛି ଚାମଚା ଅଛନ୍ତି ତାଙ୍କୁ ନିରପେକ୍ଷ ଚାମଚା କୁହନ୍ତି । ଏମାନେ ଏ ଘରେ ମାଉସୀ ସେ ଘରେ ପିଉସୀ ଭୂମିକା ନିଭାନ୍ତି । ଏକ ସଙ୍ଗରେ ଦୁଇ ପ୍ରତିପକ୍ଷଙ୍କୁ ତେଲମାରିପାରିବାର ବିଶେଷ କଳା ଏମାନଙ୍କୁ ଜଣା ।

ଯେଉଁ ନେତାଙ୍କ ଚାମଚା ଅଧିକ ସେ ସେତେବଡ଼ ନେତା । ପିଅନ କ୍ଲର୍କଙ୍କ, କ୍ଲର୍କ ହେଡ୍ କ୍ଲର୍କଙ୍କ, ହେଡ୍ କ୍ଲର୍କ ମ୍ୟାନେଜରଙ୍କ, ମ୍ୟାନେଜର ମାଲିକଙ୍କ ଏହିଭଳି ଚାମଚାଗିରିର ଏକ ସୋପାନ ଅଛି । ଜଣଙ୍କୁ ଏହି ସିଡି ଦେଇ ଉପରକୁ ଉଠିବାକୁ ହୁଏ । ଯଦି ଆପଣଙ୍କ ପାଖରେ ଭଲ କ୍ୱାଲିଟିର ଅରିଜିନାଲ ତେଲ ଅଛି ତେବେ ବିଶେଷ କ୍ଷେତ୍ରରେ ଏକ ସଙ୍ଗେ ଉନ୍ନତିର ଦୁଇ ତିନିଟି ସୋପାନ ଡେଇଁଯିବା ବଡ଼ କଥା ନୁହେଁ ।

ଗୋଟେ ଗୋଟେ ଅଫିସରେ ଏପରି କିଛି ଚାମଚା ଥାନ୍ତି ଯେଉଁମାନେ କାଳଜୟୀ । ଅର୍ଥାତ ଯେ କୌଣସି ଅଧିକାରୀ ଆସିଲେ ବି ଅତିଶୀଘ୍ର ତାଙ୍କୁ ବଶୀକରଣ କରିବାରେ ସେମାନଙ୍କୁ ଅସୁବିଧା ହୁଏନି । ଥରେ ଅଫିସରେ ଜଣେ ନୂଆ ଅଫିସର ଆସିଲେ । ସେ କୌଣସି ଚାମଚାଗିରିକୁ ପସନ୍ଦ କରନ୍ତି ନାହିଁ । ଅଫିସର ସବୁଠୁ ବଡ଼ ତେଲମରା ବଡ଼ବାବୁ ତାଙ୍କୁ କହିଲେ ମୋର ସମୁଦାୟ ଚାକିରି ଜୀବନ ଭିତରେ ଆପଣଙ୍କ ଭଳି ଜଣେ ମାତ୍ର ଅଫିସରଙ୍କୁ ଦେଖିଲି, ଯିଏ ଚାମଚାଗିରିକୁ ପସନ୍ଦ କରନ୍ତି ନାହିଁ । ଅଫିସର ଖୁସି ହୋଇଗଲେ । ତା'ପରଠାରୁ ବଡ଼ବାବୁ ଅଫିସରଙ୍କ ଏକାନ୍ତ ବିଶ୍ୱସ୍ତ ଲୋକ ହୋଇଗଲେ ।

ଆଜିର ଗଣମାଧ୍ୟମ ବା ମିଡିଆକୁ ଦେଖିଲେ ଲାଗୁଛି ଚାମଚାଗିରିର ସବୁ ରେଖା ଏମାନେ ପାର କରିସାରିଲେଣି । ଜଣେ କେହି କହୁଥିଲେ, ଆଗଭଳି ଏବେ ସରକାରୀ ନେତାମାନେ ଆଉ ସାମ୍ବାଦିକ ସମ୍ମିଳନୀ କରୁନାହାନ୍ତି । କିହୋ ବାବୁ ମିଡିଆ ଭଳି ମୁଖର, କର୍ମଠ ତଥା ବିଶ୍ୱସ୍ତ ମୁଖପାତ୍ର ଥାଉ ଥାଉ ଅଯଥା ରାଜକୋଷରୁ ଖର୍ଚ୍ଚ କରି ସାମ୍ବାଦିକ ସମ୍ମିଳନୀ କାହିଁକି ବା ଡାକିବେ । ଆଉ ଯଦି ବା ଡାକିବେ ତେବେ ଅଧିକ କ'ଣ କହିବେ ଯାହା ମିଡିଆ ଜାଣିନି । ନେତା ଯାହା ଆସନ୍ତାକାଲି ଚିନ୍ତା କରିବେ ମିଡିଆ ତାକୁ ଆଜି ପ୍ରଚାର କରିସାରିଲେଣି । ସ୍ତୁତିଗାନ କରୁ କରୁ ଅନେକ ସମୟରେ ଭାବପ୍ରବଣ ହୋଇ ଏମିତି କିଛି କହିଦେଉଛନ୍ତି ଯେ ଖୋଦ ନେତା ନିଜେ ଭାବୁଥିବେ ସତରେ କ'ଣ ମୁଁ ଏତେ ଭଲ!! ବିଜ୍ଞାପନ ସର୍ବସ୍ୱ ଗଣମାଧ୍ୟମ, ପ୍ରଚାର ସର୍ବସ୍ୱ ସରକାର ଓ ସ୍ତୁତିଗାନ ସର୍ବସ୍ୱ ଚାମଚା ଯେତେଦିନ ପର୍ଯ୍ୟନ୍ତ ନିଜ ନିଜ କାମକୁ ନିଷ୍ଠାର ସହ କରୁଥିବେ ସେତେଦିନ ପର୍ଯ୍ୟନ୍ତ ଦେଶ ବିକାଶ ରାସ୍ତାରେ ଦୌଡୁଛି ବୋଲି ଧରିନେବାକୁ ହେବ ।

ଚାମଚାଗିରି କେବଳ ନେତା, ଅଫିସ କିମ୍ବା ବ୍ୟବସାୟ ଭିତରେ ସୀମିତ ନାହିଁ । ଏହା ଅତ୍ର ତତ୍ର ସର୍ବତ୍ର ବ୍ୟାପ୍ତ । ପ୍ରେମିକ ପ୍ରେମିକାର ଚାମଚା ହେବା ସାଧାରଣ ଶୁଣା କଥା । ସୁଖୀ ଦାମ୍ପତ୍ୟ ପାଇଁ ଗୃହପତିକୁ ଅନେକ ସମୟରେ ଗୃହଲକ୍ଷ୍ମୀଙ୍କ ଚାମଚା ହେବାକୁ ପଡ଼େ ।

ଚାମଚା ଏପରି ଏକ ପ୍ରାଣୀ, ଯିଏ ପୃଥିବୀର ଯେ କୌଣସି ପ୍ରକାରର ଜଳବାୟୁରେ ବଢି ପାରନ୍ତି । ନିରୀକ୍ଷଣରୁ ଜଣାପଡେ ଆମେ ସମସ୍ତେ ଏହି ଲୌକିକ, ମାନବୀୟ ତଥା ଚମତ୍କାରୀ ଗୁଣରେ ପ୍ରଭାବିତ । ଆମେ ସମସ୍ତେ ଆମ ଲକ୍ଷ୍ୟରେ ହେଉ କି ଅଲକ୍ଷ୍ୟରେ କାହାର ନା କାହାର ଚାମଚାଗିରି କରୁଛୁ। ସେଇଥିପାଇଁ ତ ଅକ୍ଷୟ ମହାନ୍ତି ଗାଇଥିବା ଗୀତଟି ଭାରି ଲୋକପ୍ରିୟ ।

ଦନେଇ ଦାସ କହେରେ ଭାଇ କଥା ଏ ବଡ଼ ସଚ୍ଚା, ଏ ଦୁନିଆରେ କେହି ନା କେହି କାହାର ତ ଚାମଚା ।


ବନମାଳୀ ଭବନ, ଖାନନଗର, କଟକ
ମୋ.: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଜୀବନ ଖୋଜା

**ସିଦ୍ଧେଶ୍ୱର ପଣ୍ଡା, କାବ୍ୟଲୋକ, ଗ୍ୟାରେଜ ଛକ ଭୁବନେଶ୍ୱର -୨, ମୂଲ୍ୟ-୨୦୦ଟଙ୍କା**


**ଜୀ**ବନ ଖୋଜା କବିତା ପୁସ୍ତକରେ ୭୦ଟି କବିତା ରହିଛି । ଜୀବନର ସମସ୍ତ ଅନୁଭୂତି ଓ ଅଭିଜ୍ଞତା ସଫଳତା ବ୍ୟର୍ଥତା ସହସ୍ର ପ୍ରକ୍ରିୟାରେ ଉଦ୍‌ଭାଷିତ ହୁଏ ସୃଜନର ପହିଲି ପୁଲକ ହୋଇ। ଶବ୍ଦରେ ଶବ୍ଦରେ ଆପେ ଆପେ ଗୁନ୍ଥି ହୋଇଯାଏ ରାଗର ରୁଦ୍ରାକ୍ଷମାଳା। ଯେଉଁଥିରେ ବଞ୍ଚି ରହିବାର ମନ୍ତ୍ର ଉଚ୍ଚାରିତ ହୁଏ। କବି ମାନ ଅଭିମାନ, ରାଗ, ରୁଷା ଓ ଘୋଘୋ କାରୁଣ୍ୟର କୋଳାହଳ ଭିତରେ ବି ଜୀବନ ଖୋଜିଛନ୍ତି। ଜଡରୁ ଜୀବନର ସୃଷ୍ଟିପରି ବିଶ୍ୱାସ ବଳେ ମାଟି ବୈକୁଣ୍ଠରେ ମଧ୍ୟ ରୂପାନ୍ତରିତ ହୋଇଯାଏ। ସଂକଳନଟି ପାଠକୀୟତା ଲାଭ କରିବ ବୋଲି ଆଶା ।




### ଓଡ଼ିଆ ଭାଷାର ବ୍ୟାବହାରିକ ସ୍ୱରୂପ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ, ପ୍ରକାଶକ- ଅପୂର୍ବା, ଖରବେଳ ନଗର, ଭୁବନେଶ୍ୱର, ମୂଲ୍ୟ- ୨୫୦ଟଙ୍କା**


**ଓ**ଡ଼ିଆ ଭାଷାର ବ୍ୟାବହାରିକ ସ୍ୱରୂପ ଡକ୍ଟର ନୃସିଂହ ଷଡ଼ଙ୍ଗୀଙ୍କ ଲିଖିତ ପୁସ୍ତକ। ଏଥିରେ ଭାଷାର ୮ଟି ବିଭାଗ ଉପରେ ଆଲୋଚନା କରାଯାଇଛି । ଭାଷା: ସମ୍ପର୍କ ଯୋଡ଼େ/ହୃଦୟ ଗଢେ। ସମ୍ପର୍କର ପରିସର ବଢାଏ। କହିବା ବା ଲେଖିବା ହେଉ -ଭାଷା ହେଉଛି ମାନବୀୟ ସତ୍ତା ସହ ସମ୍ପର୍କ ରକ୍ଷାର ସମ୍ବେଦନବାହୀ ଉପାଦାନ। ପୁସ୍ତକରେ ଭାଷାର ବିବିଧ ଲୋକ ସମ୍ପର୍କର ପ୍ରମୁଖସ୍ତର ଓ ତା'ର ବ୍ୟାବହାରିକତାକୁ ଦର୍ଶାଯାଇଛି। ଯାହା ଭାଷା ପ୍ରେମୀ ଓ ଛାତ୍ରୀଛାତ୍ର, ଗବେଷକଙ୍କ ଲାଗି ପଥ ପ୍ରଦର୍ଶକ ହେବ ।




### କବି ଶେଖର ଚିନ୍ତାମଣି ମହାନ୍ତି ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଞ୍ଜାମ ଭ୍ରମଣ

**ସମ୍ପାଦନା ଡ଼.ବିବେକାନନ୍ଦ ପାଣିଗ୍ରାହୀ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ, ପ୍ରକାଶକ- ସର୍ଜନା ପାଣିଗ୍ରାହୀ ସାହି, ବ୍ରହ୍ମପୁର-୩, ମୂଲ୍ୟ-୯୦ଟଙ୍କା**

**କ**ବି ଶେଖର ଚିନ୍ତାମଣି ମହାନ୍ତି ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଞ୍ଜାମ ଭ୍ରମଣ ପୁସ୍ତକ ସମ୍ପାଦନା କରିଛନ୍ତି ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ଓ ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ। କବି ଶେଖର ଚିନ୍ତାମଣି କାବ୍ୟରେ ଯେଉଁ ଗଞ୍ଜାମ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି, ତାହା ହେଉଛି ମୂଳ ଗଞ୍ଜାମ। ଓଡ଼ିଶା ଇତିହାସର ବହୁ ଦୁର୍ମୂଲ୍ୟ ତଥ୍ୟ ପୁସ୍ତକରେ ସଂଗୃହୀତ ହୋଇଛି । ଏହା ପାଠକାଦୃତି ଲାଭ କରିବ ବୋଲି ଆଶା ।



# ଚେହେରାରେ ସୁଡ଼ଙ୍ଗ


ଆଜିକାଲି ବଡ଼ି ପିୟର୍ସିଂ ଫ୍ୟାଶନରେ ଅଛି। କିଏ ଭ୍ରୁଲତାରେ ତ କିଏ ନାଭିରେ ଓ ଆଉ କିଏ କାନ ଓ ନାକର ବିଭିନ୍ନ ସ୍ଥାନରେ ପିୟର୍ସିଂ କରୁଛନ୍ତି। ତେବେ ୟୁକେର ଜେମ୍ସ ଗୋସ୍ ନିଜ



ଚେହେରାରେ ଅଧିକରୁ ଅଧିକ ପିୟର୍ସିଂ କରି ବେଶ୍ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ଫେସ୍ ପିୟର୍ସିଂ ତ ଏମିତି ଯେ, ଲୋକେ ଦେଖି ଚକିତ ହୋଇଯାଆନ୍ତି। କାରଣ ତାଙ୍କ ଚେହେରାରେ ୧୭ଟି ବଡ଼ ବଡ଼ କଣା ହୋଇଛି। ଲାଗେ ସତେ ଯେମିତି ଚେହେରାରେ ସୁଡ଼ଙ୍ଗ ଖୋଳା ଯାଇଛି। ସେଇ ଗାତ ଭିତରେ ସେ ବିଭିନ୍ନ ପ୍ରକାରର ଜିନିଷ ପୁରାଇ ଯେବେ ଲୋକଙ୍କୁ ଦେଖାନ୍ତି ଲୋକଙ୍କ ଆଶ୍ଚର୍ଯ୍ୟର ସୀମା ରହେନା। ଦୁଇ ଓଠ, ନାକ ଓ ଗାଲରେ ଅଛି ଏହିସବୁ ଟନେଲ୍ ବା ସୁଡ଼ଙ୍ଗ ପରି ପିୟର୍ସିଂ। ଜେମ୍ସ କୁହନ୍ତି, ‘ଲୋକେ ମତେ ବେଶ୍ ଅଜବ ନଜରରେ ଦେଖନ୍ତି। ଅନେକ ସମୟରେ ମତେ ସେସବୁ ଖରାପ ଲାଗେ। ହେଲେ ପରବର୍ତ୍ତୀ ସମୟରେ ଭାବେ ମୋ’ ଚେହେରାର ସୁଡ଼ଙ୍ଗ ହିଁ ମତେ ଭିନ୍ନ ପରିଚୟ ଦେଇଛି। ଆଉ ଏଥିପାଇଁ ମୁଁ ଗର୍ବିତ।’




ବ୍ୟାକ୍ ପେଜ୍









# ଅଲ୍ଟ୍ରା ରିୟାଲିଷ୍ଟିକ୍ ନେଲ୍ ଆର୍ଟ

ନେଲ୍ ଆର୍ଟ କରିବା ଆଜିକାର ଟ୍ରେଣ୍ଡ ପାଲଟିଗଲାଣି। ତେବେ ଭିଭିଆନ ଜିଉ ରାହେ ଯେଉଁଭଳି ନେଲ ଆର୍ଟ କରନ୍ତି ସେମିତି ହୁଏତ ଆଉ କେହି କରୁ ନ ଥିବେ। ତାଙ୍କ ନେଲ୍ ଆର୍ଟଗୁଡ଼ିକ ସୁନ୍ଦର ପେଣ୍ଟିଂର ଗୋଟେ ଗୋଟେ ମାଷ୍ଟର ପିସ୍ ଭଳି। ସେଗୁଡ଼ିକ ଏତେ ବାସ୍ତବ ଲାଗେ ଯେ, ଇଚ୍ଛା ହେବ ସେଗୁଡ଼ିକୁ ଖାଲି ଦେଖୁଥିବେ। ତେବେ ସେ ଓରିଜିନାଲ ନଖ ଉପରେ ଏହି ପେଣ୍ଟିଂ କରନ୍ତି ନାହିଁ ବରଂ ଫେକ୍ ନେଲ ବା ଲମ୍ବା ଲମ୍ବା ଆକ୍ରିଲିକ ନେଲ ଉପରେ କରନ୍ତି। ବିଭିନ୍ନ ପପ୍ ଆଇକନ୍, ସେଲିବ୍ରିଟିଙ୍କର ପେଣ୍ଟିଂ ସେ ଆକ୍ରିଲିକ ନେଲ ଉପରେ କରନ୍ତି। ଭାବୁଥିବେ ବହୁ ବର୍ଷ ଧରି ଅଭ୍ୟାସ କରି ସେ ଏହି ଆର୍ଟରେ ପାରଙ୍ଗମ ହୋଇଥିବେ। ହେଲେ ସେମିତି ନୁହେଁ। ଭିଭିଆନ ପ୍ରକୃତରେ ଜଣେ ସଫ୍ଟୱେର ଇଞ୍ଜିନିୟର ଏବଂ ସେ ନିଜର ଏକ ଟେକ୍ କମ୍ପାନୀ ଆରମ୍ଭ କରିଥିଲେ। ସେ ଏହି କାମର ଚାପରୁ ଟିକେ ହାଲ୍କା ହେବା ଲାଗି ଦୁଇ ବର୍ଷ ତଳେ ନେଲ ପେଣ୍ଟିଂ କରିବା ଆରମ୍ଭ କରିଥିଲେ। ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ତା’ର ଫଟୋ ପୋଷ୍ଟ କଲେ। ଲୋକ ତାକୁ ବହୁତ ପସନ୍ଦ ବି କଲେ। ଏମିତିକି ରାପର୍ ସ୍ନୁପ୍ ଡଗ୍ ବି ତାଙ୍କ କାମକୁ ପସନ୍ଦ କରିବା ସହ ତାଙ୍କର ଏକ ପୋଷ୍ଟକୁ ନିଜ ଆକାଉଣ୍ଟରେ ଶେୟାର କରିଥିଲେ। ତେଣୁ ଅନ୍‌ଲାଇନ୍ ଅର୍ଡର ବି ଆସିଲା। ସେଥିପାଇଁ ସଫ୍ଟୱେର



ପେସାକୁ ଛାଡି ଭିଭିଆନ୍ ଫେକ୍ ନେଲ୍‌ରେ ଆର୍ଟ କରିବାକୁ ପେସା କଲେ। ସେ ଗ୍ରାହକଙ୍କ ଇଚ୍ଛା ମୁତାବକ ଯେକୌଣସି ପେଣ୍ଟିଂ ଫେକ୍ ନେଲରେ କରିପାରନ୍ତି। ଆଉ ତାକୁ ଗ୍ରାହକ ନିଜ ନଖରେ ଲଗାଇ ବେଶ୍ ଖୁସି ହୁଅନ୍ତି।



# ଷ୍ଟ୍ର ବୟ

ବିବାହକୁ ନେଇ ଦେଶବିଦେଶରେ ନାନା ପରମ୍ପରା ରହିଛି। ସେଥିରୁ କିଛି ବେଶ୍ ଅଜବ ପରମ୍ପରା ବି ଥାଏ। ଆୟର୍ଲାଣ୍ଡରେ ସେମିତି ଏକ ଅଜବ ପରମ୍ପରା ଅଛି। ତାହା ହେଉଛି ‘ଷ୍ଟ୍ର ବୟ’ ବା ‘ପାଳ ବାଳକ’ପରମ୍ପରା। ବିବାହ ଦିନ ହଠାତ୍ କିଛି ଯୁବକ ପାଳରେ ତିଆରି ପୋଷାକ ଓ ପାଳର ଏକ ପ୍ରକାରର ତ୍ରିକୋଣୀୟ ହ୍ୟାଟ୍ ପିନ୍ଧି ନିଜର ଚେହେରା ଲୁଚାଇ କନିଆ ଘରେ ପହଞ୍ଚନ୍ତି। ସେମାନେ କନିଆ ଓ ଉପସ୍ଥିତ ସବୁ ମହିଳାଙ୍କ ସହ ନୃତ୍ୟ କରନ୍ତି, ଗୀତ ଗାଆନ୍ତି ଓ ଜୋକ୍ସ କହି ପରିବେଶକୁ ବେଶ୍ ମଜାଦାର କରନ୍ତି। ଶେଷରେ ଯେମିତି ହଠାତ୍ ଆସନ୍ତି ସେମିତି ହଠାତ୍ ଚାଲି ବି ଯାଆନ୍ତି। ବିଶ୍ୱାସ ରହିଛି ଷ୍ଟ୍ର ମ୍ୟାନ୍ ବିବାହକୁ ଆସିଲେ ବରକନିଆଙ୍କ ପାଇଁ ସୁଖ, ସମ୍ପତି ଓ ସୌଭାଗ୍ୟ ଆସେ। ଆଜିକାର ସମୟରେ ବି ବିବାହରେ ଷ୍ଟ୍ର ବୟ ଆସିବା ପରମ୍ପରା ରହିଛି। ଏବେ କିଛି ୱେଡିଂ ପ୍ଲାନର୍ ଷ୍ଟ୍ର ବୟ ପ୍ରଦାନ କରୁଛନ୍ତି।